## ଖଣି ଓ ଶିଳ୍ପ ସଂସ୍ଥାର ନାହିଁ ପାର୍କିଂ ବ୍ୟବସ୍ଥା

# ଜୀବନ ନେଉଛି ବେଆଇନ ପାର୍କିଂ

ଯୋଡ଼ା, ୩୧।୫(ସମିସ)

କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ମଣ୍ଡଳ ହୋଇ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥର ବିଲେଇପଦାଠାରୁ ଗୁଆଲି ପର୍ଯ୍ୟନ୍ତ ରାସ୍ତାକୁ ମରଣଯନ୍ତା ବୋଲି କୁହାଯାଉଛି। ଏଠାରେ ପ୍ରାୟ ପ୍ରତି ସପ୍ତାହ ଛୋଟବଡ଼ ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ଅନେକ ପଥଚାରୀଙ୍କ ଅକାଳ ବିୟୋଗ ମଧ ଘଟୁଛି। ବିଲେଇପଦାଠାରୁ ଗୁଆଲି ପର୍ଯ୍ୟନ୍ତ ୫୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଓ ଏମ୍‌ସି ରୋଇଡା ଲୌହ ଖଣି, କାଶିଆ ଜିନ୍ଦଲ ଲୌହ ଖଣି, ରୋଇଡା (ସି) ବ୍ଲକରେ ଥିବା ନର୍ଭରାମ ଓ ଜିନ୍ଦଲ ଲୌହ ଖଣି ଏବଂ ନୂଆଗାଁସ୍ଥିତ ଲୌହ ଖଣି ପ୍ରମୁଖ ରହିଥିବା ବେଳେ ଉକ୍ତ ଅଞ୍ଚଳ ଭିତରେ ଜିନ୍ଦଲ, ବିଆରପିଏଲ, ଶ୍ରୀମେଟାଲିକ, ଆର୍ଯ୍ୟ ଷ୍ଟିଲ, ଜଗନ୍ନାଥ ଷ୍ଟିଲ ପରି ଶିଳ୍ପ ସଂସ୍ଥା ମଧ ରହିଛି। ଦୈନିକ ଯୋଡ଼ା ଟ୍ରକ ମାଲିକ ସଙ୍ଘ, ବଡ଼ବିଲ ଟ୍ରକ ମାଲିକ ସଙ୍ଘ, ଆଞ୍ଚଳିକ ଟ୍ରକ ମାଲିକ ସଙ୍ଘରୁ ହଜାର ହଜାର ଗାଡି ଖଣିଜ ପରିବହନ କରିବା ସହ ବାହାର ରାଜ୍ୟର ବଡ଼ ବଡ଼ ଟ୍ରେଲର ମାନ ଖଣିଜ ପରିବହନ କରିଆସୁଛନ୍ତି। ତେବେ ଖଣିଜ ପରିବହନ ପାଇଁ ନିୟୋଜିତ ଥିବା ବଡ଼ ବଡ଼ ଟ୍ରକ ପାଇଁ ଖଣି କିମ୍ବା ଶିଳ୍ପ ସଂସ୍ଥା ପକ୍ଷରୁ ନିଜ ନିଜର ଲିଜ୍ ପରିସର ମଧ୍ୟରେ ଆବଶ୍ୟକ ମୁତାବକ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଭାରୀଯାନଗୁଡ଼ିକ ରାଜପଥକୁ ଅବରୋଧ କରି ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା



ରାସ୍ତା ସଂକୁଚିତ ହୋଇ ବିଭିନ୍ନ ସମୟରେ ଅଘୋଷିତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ବେଳେ ରାସ୍ତା ଜାମରେ ପଡି ଆମ୍ବୁଲାନ୍ସରେ ଯାଉଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ, ସ୍କୁଲ ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଅଣନିଶ୍ୱାସୀ ହୋଇ ପଡୁଥିବା ଅଭିଯୋଗ ହେଉଛି। ଏହାସହିତ ଅବୈଧ ପାର୍କିଙ୍ଗ ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଜନଜୀବନ କ୍ଷୟକ୍ଷତି ହେଉଥିବା ଅଭିଯୋଗ ହେଉଛି। ଏଥିସହିତ ନୋଏଣ୍ଟ୍ରି ସମୟରେ ମଧ ଖଣିଜ ବୋଝେଇ ଭାରୀଯାନଗୁଡ଼ିକ ଖଣିରୁ ବାହାରି ରାଜପଥ ପାର୍ଶ୍ୱରେ ପାର୍କିଂ କରିବା ଦ୍ୱାରା ଟ୍ରାଫିକ ସମସ୍ୟା ଅଧିକ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଖଣି ମାଲିକମାନେ ଖଣି ପରିସରରେ ଆବଶ୍ୟକ ମୁତାବକ ପାର୍କିଂ ବ୍ୟବସ୍ଥା କରାଯିବା ସହିତ ପ୍ରଶାସନ ପକ୍ଷରୁ ରାଜପଥ ପାର୍ଶ୍ୱରେ ଥିବା ଅନାବାଦୀ ଜାଗାରେ ପାର୍କିଂ ଜୋନ ନିର୍ମାଣ କରାଗଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି ମତ ପ୍ରକାଶ ପାଉଛି।

## ଶିକାରବେଳେ ଧରାପଡ଼ିଲେ ୪ ବନ୍ୟଜନ୍ତୁ ଶିକାରୀ



କେନ୍ଦୁଝର/ପାଟଣା, ୩୧।୫(ସମିସ): କେନ୍ଦୁଝର ବନଖଣ୍ଡ ପାଟଣା ବନ ବିଭାଗ ଜଙ୍ଗଲୀ ଜନ୍ତୁ ଶିକାର କରି ମାଂସ ଭାଗବଣ୍ଟା କରୁଥିବା ବେଳେ ୪ ଜଣ ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ବିପୁଳ ପରିମାଣର ହରିଣ ମାଂସ ସହ ଶିକାର ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବଣମହୁଲଡିହା ଦଲକି ସାହିର ଲକ୍ଷ୍ମଣ ମାଝୀ, ଯଦୁମଣି ମାଝୀ, ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ବେଣ୍ଟକାର ପଡା ଗ୍ରାମର ଗୋପାଳ ମାଝୀ, ସାନକରଣ ମାଝୀ। ପାଟଣା ରେଞ୍ଜ ଅଧୀନ ଅଟେଇ ସଂରକ୍ଷିତ ଜଙ୍ଗଲ ନିକଟ ବଣମହୁଲ ଡିହା ଦଲକି ସାହିରେ ହରିଣ ଶିକାର କରାଯାଇଥିବା ନେଇ ସୂଚନା ପାଇ ସୂଚନା ବନ କର୍ମଚାରୀମାନେ ଚଢ଼ାଉ କରିଥିଲେ। ହରିଣର ମାଂସ କାଟି ଭାଗବଣ୍ଟା କରୁଥିବା ବେଳେ ବନ ବିଭାଗ ଟିମ୍ ସେମାନଙ୍କୁ କାବୁ କରିଥିଲା। ଚଢ଼ଉ ସମୟରେ ୧୦ କେଜି ହରିଣ ମାଂସ, ୩ଟି ଧନୁ ଓ ୧୦ଟି ତୀର ଗୋଟିଏ ବାଲା ଏବଂ ନିକିତି ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ବନ ବିଭାଗ କହିଛି।

## କଲେଜ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୩୧।୫(ସମିସ): ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ଆଜି ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଏକ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଅବସରପ୍ରାପ୍ତ ପାଠାଗାର ସହାୟକ ଶତ୍ରୁଘ୍ନ ରାଉଳ, ପଦାର୍ଥ ବିଜ୍ଞାନ ବିଭାଗ ଅବସରପ୍ରାପ୍ତ ବିଜ୍ଞାନଗାର ପ୍ରଦର୍ଶକ ପ୍ରଫୁଲ୍ଲ କୁମାର ବେହେରା, ଇହଲୀଳା ସମ୍ବରଣ କରିଥିବାରୁ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର, ଦୁର୍ଗା ଶଙ୍କର ପରିଡ଼ା ଶ୍ରୀଲେଖା ସାହୁ, ରଘୁଦୀପ୍ତି ନାୟକ, ସୁବ୍ରତ ପରିଡା, ପୁଷ୍ପଲତା ରାମ, ଶିବଚରଣ ବେହେରା, ମାୟାଧର ନାୟକ, ଡକ୍ଟର ଜଗବନ୍ଧୁ ସାହୁ ହେମନ୍ତ କୁମାର ପଣ୍ଡା, ଡକ୍ଟର ନିମାଇଁ ଚାରଣ ରାଉତ, ପତିତପାବନ ମିଶ୍ର ପ୍ରମୁଖ ବିଦାୟୀ ଅଧ୍ୟକ୍ଷଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ପରେ ଅଧ୍ୟକ୍ଷ ଡକ୍ଟର ମିଶ୍ର ପ୍ରାଧ୍ୟାପକ ଡକ୍ଟର ନିମାଇଁ ଚାରଣ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

ଡକ୍ଟର ଉତ୍ତମ ପାଣିଗ୍ରାହୀ, ବିଶ୍ୱଜିତ୍ ରାଉତ, ପ୍ରଭାତ ସେଠୀ, ବିଶ୍ୱରଞ୍ଜନ ସାହୁ, ରିମନ୍ ଆଚାର୍ଯ୍ୟ, ମମତା ମିଶ୍ର, ସୁବ୍ରତ ସାହାଣୀ, ମନୋଜ ନାୟକ, ସତ୍ୟବ୍ରତ ସ୍ୱାଇଁ, ଡକ୍ଟର ରବୀନ୍ଦ୍ର ସାହୁ, ଅଜିତ୍ ଜେନା, ପ୍ରକାଶ ସାହୁ, ରଞ୍ଜନ ନାୟକ, ଦେବପ୍ରକାଶ ରାମ, ସୁଶାନ୍ତ ମିଶ୍ର, ସମ୍ବରଣ ସିନା, ସୁଲୋଚନା ସାହୁ, ଦୟାନିଧି ନାୟକ, ଗୌରୀଶଙ୍କର ପଣ୍ଡା, କେଶବ ଜେନା, ସତ୍ୟ ନାୟକ, ପାର୍ବତୀ ମୁଖୀ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସିଏମ୍ ଟ୍ରଫି ଫୁଟ୍‌ବଲ ପାଇଁ ସୁନ୍ଦରଗଡ଼ରେ କେନ୍ଦୁଝର ଦଳ

କେନ୍ଦୁଝର, ୩୧।୫(ସମିସ): ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଆସନ୍ତାକାଲିଠାରୁ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହେବାକୁଥିବା ୧୪ ବର୍ଷରୁ କମ ବାଳକ ଏବଂ ବାଳିକା ବିଭାଗ ସିଏମ ଟ୍ରଫି ଆନ୍ତଃଜିଲ୍ଲା ଫୁଟବଲ ପ୍ରତିଯୋଗିତା ପାଇଁ ଗତକାଲି ରାତିରେ କେନ୍ଦୁଝର ଜିଲ୍ଲା ଦଳ ସୁନ୍ଦରଗଡ଼ ଯାତ୍ରା କରିଛନ୍ତି। ଅଙ୍କିତ ବେହେରାଙ୍କ ନେତୃତ୍ୱରେ ୨୦ ଜଣିଆ କେନ୍ଦୁଝର ବାଳକ ବିଭାଗରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେହେଲେ ଆୟୁଷ ମହାକୁଡ଼, ଗୁମନ ଭୁଞ୍ଜି, ସୁବ୍ରତ ବେହେରା, କିଷାନ ସିଦୁ, ଆଶିଷ ନାଏକ, ରୋଶନ ନାଏକ, ସିଦୁ ମୁଣ୍ଡା, ଟିକେଶ୍ୱର ଗୋପ, ରୋଶନ ନାଏକ, ଓମପ୍ରକାଶ ମୁଣ୍ଡା, ଓମପ୍ରକାଶ ମାଝୀ, ଶୁଭମ ପ୍ରଧାନ, ମନୋଜ ଗାଗରାଇ, ସନିଆ ମୁଣ୍ଡା, କ୍ରିଷ୍ଣା ମୁଣ୍ଡା, ଡାକ୍ତର ମୁଣ୍ଡା, କ୍ରିଷ୍ଣା ମୁଣ୍ଡା, ପିଣ୍ଟୁ ନାଏକ ଏବଂ ଆକାଶ ଓଡିୟା। ଦଳ ସହ ମ୍ୟାନେଜର ଭାବେ ଜିନ୍ଦଲ ଫାଉଣ୍ଡେସନର ସୀତାରାମ ମୁଣ୍ଡା ଏବଂ କୋଚ ଭାବେ ଶଙ୍କ ମାରାଣ୍ଡି ଯାତ୍ରା କରିଛନ୍ତି। ସେହିପରି ପୂଜା ଓରାମଙ୍କ ନେତୃତ୍ୱରେ ୨୦ ଜଣିଆ କେନ୍ଦୁଝର ଜିଲ୍ଲା ବାଳିକା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଅନନ୍ୟା ଟୋପ୍ନ, ଇତିଶ୍ରୀ ନାଏକ, ପୂର୍ଣ୍ଣିମା ଲୋହାର, ସ୍ୱପ୍ନା ଭୂୟାଁ, ସୋନାଲି ଓରାମ, ସୁବର୍ଣ୍ଣିକା ଚମ୍ପିୟା, ଆୟୁଷ୍ମା ମାଝୀ, ନିହାରିକା ମୁଣ୍ଡା, ଗୀତା ମୁଣ୍ଡା, ଶୀତଲ ମୁଣ୍ଡା, ପାର୍ବତୀ ମୁଣ୍ଡା, ସୁପ୍ରିୟା ମହାନ୍ତ, ଶ୍ରାବଣୀ ମହାନ୍ତ, ନିହାରିକା ମହାକୁଡ଼, ପ୍ରୀତି ମୁଣ୍ଡା, ଅର୍ଚ୍ଚିତା ବେହେରା, ସୋନାଲି ମହାନ୍ତ ଏବଂ ସଜନୀ



ଲୋହାର। ଦଳ ସହ ମ୍ୟାନେଜର ଭାବେ ବଳରାମ ସିଦୁ ଓ କୋଚ ଭାବେ ଟାଟା ଷ୍ଟିଲ ଫାଉଣ୍ଡେସନର ରାନୀ କଲା ଯାତ୍ରା କରିଛନ୍ତି। କେନ୍ଦୁଝର ଦଳ ଆସନ୍ତାକାଲି ସକାଳେ ଉଦଘାଟନୀ ଖେଳରେ ସୁନ୍ଦରଗଡ଼ ଷ୍ଟାଡିୟମଠାରେ ବାଲେଶ୍ୱର ଜିଲ୍ଲାକୁ ଭେଟିବ ବୋଲି କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କଠାରୁ ପ୍ରକାଶ।

## ଭାଲୁ ଆତଙ୍କ, ଠେଙ୍ଗା ଧରି ଗାଁରେ ପହରା



ଉଦଳା,୩୧।୫(ସମିସ): ଗ୍ରାମବାସୀଙ୍କ ଆଖିକୁ ନିଦ ନାହିଁ। ଗ୍ରାମବାସୀଙ୍କୁ ଏବେ ଘାରିଛି ଭାଲୁ ଆତଙ୍କ। ହାତରେ ଟର୍ଚ୍ଚ ଓ ଠେଙ୍ଗା ଧରି ରାତିରେ ଗାଁରେ ପହରା ଦେଉଛନ୍ତି। କପ୍ତିପଦା ବନାଞ୍ଚଳ କୋଚିଲାଡିହା ପଞ୍ଚାୟତରେ ଏବେ ଭାଲୁ ଗ୍ରାମବାସୀଙ୍କୁ ନାକେଦମ କରିଛି। ପଞ୍ଚାୟତର ବୈରାଟପୁର, ଡିମଗଡ଼ିଆ, କୋଚିଲାଡିହାରେ ଏବେ ଭାଲୁ ଆତଙ୍କ ସୃଷ୍ଟି କରୁଛି। କିଛିଦିନ ପୂର୍ବରୁ ଗ୍ରାମକୁ ଗୋଟିଏ ଭାଲୁ ବିଳମ୍ବିତ ରାତିରେ ପଶିଥିଲା। ଏହାପରେ ଗ୍ରାମବାସୀ ଭୟଭୀତ ହୋଇ ରହିଥିଲେ ଓ ସନ୍ଧ୍ୟା ହେଲେ ଗାଁରେ ତାଟି କବାଟ ପଡ଼ିଯାଉଥିଲା। ଗତକାଲି ସନ୍ଧ୍ୟାରୁ ୨ରୁ ୩ଟି ଭାଲୁ ଗ୍ରାମରେ ପଶିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଗ୍ରାମବାସୀ ଏକତ୍ରିତ ହୋଇ ଭାଲୁଙ୍କୁ ଘଉଡ଼ାଇବାରୁ ଗାଁ ଭିତରେ ବିଭିନ୍ନ ସ୍ଥାନରେ ଲୁଚି ରହିଥିଲେ। ଯେଉଁଥିପାଇଁ ହାତରେ ଠେଙ୍ଗା ଧରି ଗ୍ରାମ ରାସ୍ତାରେ ଗ୍ରାମବାସୀ ପହରା ମାରୁଛନ୍ତି। ଖବର ପାଇ କପ୍ତିପଦା ବନ ବିଭାଗ ଟିମ ଗାଁରେ ପହଞ୍ଚି ଭାଲୁଙ୍କୁ ଖୋଜିବା ସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ଘରୁ ନ ବାହାରିବାକୁ ସଚେତନ କରାଇଥିଲେ।

## ଉଦଳା ସଚେତନ ନାଗରିକ ମହାମଞ୍ଚ ବୈଠକ



ଉଦଳା,୩୧।୫(ସମିସ): ରବିବାର ଉଦଳା ସ୍ନେହ ତୁଳସୀ କଲ୍ୟାଣ ମଣ୍ଡପରେ ଉଦଳା ସଚେତନ ନାଗରିକ ମହାମଞ୍ଚର ପ୍ରଥମ କାର୍ଯ୍ୟକାରିଣୀ ପରିଷଦ ବୈଠକ ସଭାପତି ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମହାମଞ୍ଚର ଉପଦେଷ୍ଟା ଅଶୋକ ମହାନ୍ତି, ଉଦଳାର ପୂର୍ବତନ କାଉନସେଲର ତଥା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ମନୋଜ ମହାନ୍ତି, ଦାୟିତ୍ୱ ନିର୍ବାହ କରିଥିବା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଉପନଗରପାଳ ଲିଲି ଭୋଳ, ମହାମଞ୍ଚର ଅନ୍ୟ ଉପଦେଷ୍ଟା ମଣ୍ଡଳୀଙ୍କ ମଧ୍ୟରେ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସମବାୟବିତ ପ୍ରହଲ୍ଲାଦ ଦାସ, ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ବାରିକ, ବରିଷ୍ଠ ଆଇନଜୀବୀ ରଜତ କୁମାର ମହାପାତ୍ର, ଅବସର ପ୍ରାପ୍ତ ବିଆରସିସି ତଥା ସାଧାରଣ ସମ୍ପାଦକ ଆରତ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ବରିଷ୍ଠ ସାମ୍ବାଦିକ ତଥା ମହାମଞ୍ଚର ଉପସଭାପତି ଜଗବନ୍ଧୁ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ପରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ସାଧାରଣ ସମ୍ପାଦକ ଆରତ କୁମାର ପରିଡ଼ା ମହାମଞ୍ଚ ଗଠନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ତତ୍ପରେ ମହାମଞ୍ଚ ଗଠନର ଲକ୍ଷ୍ୟ ଓ ଉଦଳାର ବର୍ତ୍ତମାନର ବ୍ୟବସ୍ଥାକୁ ଆଧାର କରି କିପରି ଉଦଳାର ବିକାଶ ନିମିତ୍ତ ସମସ୍ତେ ଜନସଚେତନତା ହେବେ ଓ ଗଠନମୂଳକ ପଦକ୍ଷେପ ଗ୍ରହଣ କରିବାରେ ସହଯୋଗ ରଖିବେ ପୂର୍ବତନ ନଗରପାଳ ମନୋଜ କୁମାର ମହାନ୍ତିଙ୍କ ସମେତ ସମସ୍ତ ଅତିଥି ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଉଦଳାର ଶିକ୍ଷା, ସ୍ୱାସ୍ଥ୍ୟ, ଯାତାୟାତ, ଡ୍ରେନ ସମସ୍ୟା ଉପରେ ଆଲୋଚନା ହୋଇଥିଲା।

## ସହର ମଧ୍ୟରେ ଓଲଟିଲା ଟ୍ରକ୍, ବର୍ତ୍ତିଲେ ଲୋକେ



ରାଇରଙ୍ଗପୁର, ୩୧।୫(ସମିସ): ରାଇରଙ୍ଗପୁର ସହର ମଧ୍ୟରେ ରବିବାର ଭୋର ସମୟରେ ଏକ ଟ୍ରକ୍ ଓଲଟି ପଡ଼ିଛି। ତେବେ ବଡ଼ଧରଣର ଅଘଟଣରୁ ଲୋକେ ବର୍ତ୍ତିଯାଇଛନ୍ତି। ଭୋର ପ୍ରାୟ ୪ଟା ସମୟରେ ଏକ ମେସିନ ବୋଝେଇ ଟ୍ରକ୍ ଟାଟାନଗର ପଟୁ ରାଇରଙ୍ଗପୁର ଆସୁଥିଲା। ୨୨୦ନଂ ଜାତୀୟ ରାଜପଥର ବିଜୁ ପଟ୍ଟନାୟକ ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଭୋର ସମୟରେ ବେଶୀ ଲୋକେ ନ ଥିବାରୁ ବଡ଼ ଅଘଟଣରୁ ଲୋକେ ବର୍ତ୍ତିଯାଇଛନ୍ତି। ରାସ୍ତା କଡ଼କୁ ଗାଡ଼ି ପାର୍କିଂ ଥିବାବେଳେ ତାହା ମଧ ବର୍ତ୍ତିଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଟ୍ରକ୍‌କୁ ଉଠାଇବାକୁ ବ୍ୟବସ୍ଥା କରିଥିଲା।

## ଭୋଳା ସାର୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତେଲକୋଇ, ୩୧।୫(ସମିସ): ତେଲକୋଇ ବ୍ଲକ କତରାପାଲିସ୍ଥିତ ଗୋପବନ୍ଧୁ ମଧ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ଭୋଳେଶ୍ୱର ସାହୁ (ଭୋଳା ସାର୍)ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରୀନା ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଅବସର ଗ୍ରହଣ କରୁଥିବା ଶିକ୍ଷକ ଭୋଳେଶ୍ୱର ସାହୁଙ୍କ ସହ ମୁଖ୍ୟଅତିଥି ଭାବେ ଗ୍ରାମର ବରିଷ୍ଠ ନାଗରିକ ତଥା ସମାଜସେବୀ ପ୍ରଫୁଲ୍ଲ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବାନନ୍ଦ ସାହୁ, ସମ୍ମାନିତ ଅତିଥି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିର୍ମଳଚନ୍ଦ୍ର ମହାନ୍ତ, ପ୍ରାଥମିକ ଶିକ୍ଷକ ସଂଘ ଉପଦେଷ୍ଟା ଉଦୟନାଥ ପରିଡ଼ା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଛବିକେତନ ସାହୁ ସଭା ସଂଯୋଜନା କରିଥିବା ବେଳେ ଧନୁର୍ଜୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଳିତ ସାହୁ, ପିଟାନାଳୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇନ୍ଦ୍ରମଣି ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଶ୍ରୀ ସାହୁଙ୍କ ଦୀର୍ଘାୟୁ କାମନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଙ୍ଗଣରୁ ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀବୃନ୍ଦ ଅବସରପ୍ରାପ୍ତ ଏକ ବିରାଟ ପଟୁଆରରେ ଶ୍ରୀ ସାହୁଙ୍କୁ ରାମଚନ୍ଦ୍ରପୁର ସ୍ଥିତ ବାସଭବନକୁ ବିଦାୟ ଦେଇଥିଲେ।

### ରାଇରଙ୍ଗପୁର ପୁଲିସ ଜିଲ୍ଲା ପାଇଁ ପ୍ରକ୍ରିୟା ଆରମ୍ଭ

## ନିଯୁକ୍ତ ହେଲେ ୩ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ

ରାଇରଙ୍ଗପୁର,୩୧।୫(ସମିସ): ନୂତନ ରାଇରଙ୍ଗପୁର ପୁଲିସ ଜିଲ୍ଲା ଗଠନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଓପିଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ ହୋଇଥିବାବେଳେ ରାଇରଙ୍ଗପୁର ପୁଲିସ ଜିଲ୍ଲା ପାଇଁ ୩ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିଯୁକ୍ତ ହୋଇଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ୩ ଜଣ ବରିଷ୍ଠ ଓପିଏସ୍ ଅଧିକାରୀଙ୍କୁ ନୂତନ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ବୌଦ୍ଧ ଜିଲ୍ଲା ପିସିଆର୍ ସେଲ ଡିଏସପି ତଥା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଭଦ୍ରକ ଜିଲ୍ଲାର ଆଇୟୁସିଏଡବ୍ଲ୍ୟୁ ଡିଏସପି ତଥା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଶ୍ୱପତି ପଣ୍ଡା ଓ ମୟୂରଭଞ୍ଜ ଜିଲ୍ଲାର ଆଇୟୁସିଏଡବ୍ଲୁ ଡିଏସପି ତଥା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମମତା ସାହୁଙ୍କୁ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ବଦଳି ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଛି। ନୂତନ ଭାବେ ଓପିଏସ ନିଯୁକ୍ତି ପରେ ଅନ୍ୟାନ୍ୟ ନିଯୁକ୍ତି ପ୍ରକ୍ରିୟା ଜାରି ରହିବ ବୋଲି ସୂଚନା ମିଳିଛି।

## କଂଗ୍ରେସ ବ୍ଲକ କମିଟି ଗଠନ ଓ ସମ୍ବର୍ଦ୍ଧନା ସଭା



କେନ୍ଦୁଝର,୩୧।୫(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ମହେଶ୍ୱର ସାହୁ ଶିଳ୍ପ ତାଲିମ୍ କେନ୍ଦ୍ରଠାରେ ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଶିଳ୍ପ ତାଲିମ୍ କେନ୍ଦ୍ରସ୍ଥ ମହେଶ୍ୱର ସାହୁଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟ ଆଦିବାସୀ ଅଧ୍ୟକ୍ଷ ଯଶୋବନ୍ତ ସିଂହ ଲାଗୁରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ନୂତନ ଭାବେ ବ୍ଲକ କମିଟି ଗଠନ କରାଯାଇ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା। ସେହିପରି ୨୦୨୩ ନାରୀ ବନ୍ଦନ ଅଧିନିୟମ କାର୍ଯ୍ୟକାରୀ ଦାବିରେ ପଦଯାତ୍ରା କରାଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ସୁଜଳ କୁମାର ସେଠୀ, ପୂର୍ଣ୍ଣ ଦାସ, ରବୀନ୍ଦ୍ର ମହନ୍ତ, ବିକ୍ରମ ବେହେରା, ଗଣନାଥ ପାତ୍ର, ଅକ୍ଷରତ ଦାସ, ଲମ୍ବୋଦର ବେହେରା ଦିଲ୍ଲୀପ ପରିଡା ପ୍ରଫୁଲ୍ଲ ଜେନା ପ୍ରଦୀପ ବେହେରା, ପରମା ମହାନ୍ତ, ଶେଷଦେବ ସାହୁ, ଅନିରୁଦ୍ଧ ଦେହୁରୀ, ପବିତ୍ର ପାତ୍ର, ବୟ ମୁଣ୍ଡା, ବୈଲୋଚନ ଦେହୁରୀ ଏଥିରେ ଉପସ୍ଥିତ ଥିଲେ।

## ବଜାରରୁ ଚୋରି ଉଦ୍ୟମ ବିଫଳ



ଉଦଳା, ୩୧।୫(ସମିସ): ସାମ୍ନାକୁ ଆସିଲା ଭୁଶୁଡ଼ା ଆଇନଶୃଙ୍ଖଳାର ଚିତ୍ର। ରାତିରେ ମାତିଲେ ଲୁଟେରା। ପୁଲିସକୁ ଦେଲେ ଖୋଲା ଚ୍ୟାଲେଞ୍ଜ। ଥାନାଠାରୁ ୧୦୦ ମିଟର ଦୂରରେ ପ୍ରଥମେ ରେକି କଲେ ଓ ଚୋରି ଉଦ୍ୟମ କରି ବିଫଳ ହେଲେ। ସିସିଟିଭିରେ କଏଦ ହୋଇଛି ପୂରା ଘଟଣା। ଉଦଳା ଥାନା ଉଦଳା ବଜାରରେ ଘଟିଛି ଏଭଳି ଘଟଣା। ମାରୁତି ୱାଗନର ଗାଡ଼ିରେ ବିଳମ୍ବିତ ରାତିରେ ଲୁଟେରା ଆସିଲେ, ବଜାର ଭିତରେ ବୁଲି ରେକି କଲେ ଓ ଟାର୍ଗେଟରେ ରଖିଥିଲେ ସମସ୍ତ ମୋବାଇଲ ଦୋକାନ। ପରେ ଲୁଟେରାମାନେ ଏକ ମୋବାଇଲ ଦୋକାନ ନିକଟରେ ଅଟକିବା ପରେ ଦୁଇ ଲୁଟେରା ଆସି ଲୁଟ କରିବା ନିମନ୍ତେ ଶାବଳରେ ସଟର ତାଡିବାକୁ ଉଦ୍ୟମ କରିଥିଲେ। ହେଲେ କିଛି ଶବ୍ଦ ହେବାରୁ ଲୁଟ୍ କରି ନ ପାରି ଫେରିଗଲେ। ଏହି ଲୁଟ୍‌ରେ ଜଣେ ନାବାଳକ ଥିବା ସିସିଟିଭିରୁ ଜଣାପଡିଥିବାବେଳେ ମୁହଁରେ ମୁଖା ପିନ୍ଧି ଲୁଟ ଉଦ୍ୟମ କରିଥିଲେ। ଯାହାକୁ ନେଇ ମୋବାଇଲ ଦୋକାନୀ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଆଦିବାସୀ ସମାଜକୁ ବନବାସୀ ସମ୍ବୋଧନ ପ୍ରତିବାଦରେ ଗୃହମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

ରାଇରଙ୍ଗପୁର, ୩୧।୫ (ସମିସ): ଆଦିବାସୀ ସମାଜକୁ "ବନବାସୀ' ସମ୍ବୋଧନ କରାଯାଇଥିବା ଏକ ବିବାଦୀୟ ମନ୍ତବ୍ୟକୁ ନେଇ ରାଇରଙ୍ଗପୁର ଉପଖଣ୍ଡରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ୧୪ ତାରିଖରେ ଦିଲ୍ଲୀର ଲାଲକିଲ୍ଲାଠାରେ ଆୟୋଜିତ ଜନଜାତି ସାଂସ୍କୃତିକ ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ ଆଦିବାସୀ ସମାଜକୁ



"ବନବାସୀ' ବୋଲି ସମ୍ବୋଧନ କରିଥିବା ଅଭିଯୋଗ ହୋଇଛି। ଉକ୍ତ ମନ୍ତବ୍ୟ ପ୍ରତିବାଦରେ ଆଜି କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କ ନେତୃତ୍ୱରେ ବହଳଦା ବ୍ଲକ ଅନ୍ତର୍ଗତ ଝରାଡିହିଠାରେ ଗୃହମନ୍ତ୍ରୀ ଅମିତ ସାହାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। କୁଶ ପୁତ୍ତଳିକା ଦାହ ବେଳେ ଉପସ୍ଥିତ କର୍ମୀ ଓ ନେତା ଆମେ ବନବାସୀ ନୋହୁଁ, ଆମେ ଆଦିବାସୀ, ଗୃହମନ୍ତ୍ରୀ ଅମିତ ସାହା ମୁଦାବାଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁର୍ଦାବାଦ, କଂଗ୍ରେସ ପାର୍ଟି ଜିନ୍ଦାବାଦ ଇତ୍ୟାଦି ନାରା ଦେଇଥିଲେ। ଏହି ମନ୍ତବ୍ୟକୁ ନେଇ ରାଇରଙ୍ଗପୁର ସମେତ ଜିଲ୍ଲାର ବିଭିନ୍ନ ଆଦିବାସୀ ସଂଗଠନ ଓ ସମାଜସେବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଦିବାସୀ ସମାଜର ନେତୃବୃନ୍ଦଙ୍କ କହିବା ଅନୁଯାୟୀ, ଆଦିବାସୀ ଏହି ଦେଶର ମୂଳ ନିବାସୀ ହୋଇଥିବାବେଳେ ସେମାନଙ୍କୁ "ବନବାସୀ' ବୋଲି କହିବା ଅପମାନଜନକ ଓ ଅସମ୍ମାନଜନକ। ଆଦିବାସୀଙ୍କ ସ୍ୱତନ୍ତ୍ର ପରିଚୟ, ସଂସ୍କୃତି ଓ ଐତିହ୍ୟ ରହିଛି। ଏଭଳି ଶବ୍ଦ ପ୍ରୟୋଗ ଦ୍ୱାରା ସେମାନଙ୍କ ଭାବନାରେ ଆଘାତ ଲାଗିଛି। ଏହି ଘଟଣାକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ସ୍ପଷ୍ଟୀକରଣ ଦାବି କରାଯାଇଛି। ସେପଟେ ଆଦିବାସୀ ସମାଜର ବୁଦ୍ଧିଜୀବୀ ଓ ସଚେତନ ମହଲ ଏଭଳି ମନ୍ତବ୍ୟରୁ ବିରତ ରହିବାକୁ ଆହ୍ୱାନ ଜଣାଇଥିବାବେଳେ ଆଦିବାସୀଙ୍କ ସମ୍ମାନ ଓ ପରିଚୟକୁ ସୁରକ୍ଷା ଦେବା ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଅନୁରୋଧ କରିଛନ୍ତି। କୁଶ ପୁତ୍ତଳିକା ଦାହ ଓ ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଆସାମ କଂଗ୍ରେସ ପ୍ରଭାରୀ ପ୍ରହ୍ଲାଦ ପୂର୍ତ୍ତିଙ୍କ ସହ କଂଗ୍ରେସ ଦଳର ବହଳଦା ବ୍ଲକ ସଭାପତି ଆଲୋକ ବରାଳ, ୨୫ନଂ ଜୋନ ସଭାପତି ଅସିତ ସାମନ୍ତରାୟ, ୨୬ନଂ ଜୋନ ସଭାପତି ଅଜିତ ମହାନ୍ତ, ସୁପାଇ ମାରାଣ୍ଡି, ବରିଷ୍ଠ ସାମ୍ବାଦିକ ରାମଦାସ ମୁର୍ମୁ, ରାମଚନ୍ଦ୍ର ଟୁଡୁ, ଜାଦୁ ସୋରନ, ବିଞ୍ଜୁ ଟୁଡୁ, ରାମରାଇ ସୋରେନ, ଗଦାଧର ଦାସ, ହିନ୍ଦଲାଲ ଗୁପ୍ତା, ଗୁରୁଚରଣ ଦାସ, ଆନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### କରଞ୍ଜିଆରେ କଳାବୈଶାଖୀ ତାଣ୍ଡବ

# ଗଛ ପଡ଼ି ଭାଙ୍ଗିଲା ଘର; ରାସ୍ତା ଅବରୋଧ

କରଞ୍ଜିଆ,୩୧।୫(ସମିସ)

କରଞ୍ଜିଆ ଓ ଏହା ଆଖପାଖ ଅଞ୍ଚଳରେ କଳାବୈଶାଖୀ ତାଣ୍ଡବ ରଚିଛି। ଏହି ଝଡ଼ ପ୍ରଭାବରେ ବହୁ ବଡ଼ ବଡ଼ ଗଛ ଉପୁଡ଼ି ଘର ଭାଙ୍ଗିଥିବାବେଳେ ରାସ୍ତା ଅବରୋଧ ହୋଇଛି। ଫଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ଝଡ଼ ଯୋଗୁଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ପରିବା ଓ ଧାନ ଫସଲର ବ୍ୟାପକ କ୍ଷତି ଘଟିଥିବା ଜଣାପଡ଼ିଛି। ସେହିପରି କିଛି ସ୍ଥାନରେ ଘରର ଆଜବେଷ୍ଟସ, ଟାଇଲ୍ ଓ ଖପର ଛାତ ଉଡ଼ିଯାଇ ଲୋକମାନେ କ୍ଷତିଗ୍ରସ୍ତ ହୋଇଛନ୍ତି।

ଚଡେଇଭୋଳ ଓ କରଞ୍ଜିଆ-ସିଙ୍ଗଡ଼ା ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ବଡ଼ ବଡ଼



ଗଛ ଉପୁଡ଼ି ପଡ଼ିବା ସହ ଅନେକ ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା। ଫଳରେ ଉଭୟ ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଝଡ଼ ପ୍ରଭାବରେ ବିଦ୍ୟୁତ ତାର ଓ ଖୁଣ୍ଟ କ୍ଷତିଗ୍ରସ୍ତ ହେବାରୁ ସହରର ବିଭିନ୍ନ ଅଞ୍ଚଳରେ ପ୍ରାୟ ତିନି ଘଣ୍ଟା ଧରି ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା। ସହରର ଅନେକ ଅଞ୍ଚଳ ଅନ୍ଧକାରମୟ ହୋଇପଡ଼ିଥିଲା। ଖବର ପାଇ କରଞ୍ଜିଆ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ଗଛ ଓ ଡାଳ କାଟି ଅପସାରଣ କରିଥିଲେ। ସେମାନଙ୍କର ତ୍ୱରିତ ପଦକ୍ଷେପ ଯୋଗୁଁ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ କାଳବୈଶାଖୀ ବର୍ଷାରେ କରଞ୍ଜିଆ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସର ଜଳମଗ୍ନ ହୋଇଥିଲା। ଖରାପ ଡ୍ରେନ୍ ବ୍ୟବସ୍ଥା ଯୋଗୁଁ ନାଳର ଦୂଷିତ ପାଣି କାର୍ଯ୍ୟାଳୟ ଭିତରକୁ ପଶିଥିଲା। ଫଳରେ କାର୍ଯ୍ୟାଳୟକୁ ଆସୁଥିବା କର୍ମଚାରୀ ଓ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ଶୀଘ୍ର ଡ୍ରେନ୍ ବ୍ୟବସ୍ଥାର ସୁଧାର ଓ ସ୍ଥାୟୀ ସମାଧାନ ପାଇଁ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି।

● ଅସରାଏ ବର୍ଷାରେ ଶୁକ୍ରୁଳି ଡାକ୍ତରଖାନା ରାସ୍ତା ଜଳାର୍ଣ୍ଣବ

## ରାସ୍ତାରେ ଆଣ୍ଠୁଏ ପାଣି, ଯାତାୟାତରେ ସମସ୍ୟା



**ଖୁଣ୍ଟ,୩୧।୫(ସମିସ):** ଶୁକ୍ରୁଳିଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଗତ ସାତ ଦଶନ୍ଧି ଧରି ଶୁକ୍ରୁଳି ବ୍ଲକ୍ ଅଞ୍ଚଳ ସମେତ ସୀମାନ୍ତବର୍ତ୍ତୀ କେନ୍ଦୁଝର ଓ ଝାଡ଼ଖଣ୍ଡର ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛି। ମାତ୍ର ଅତ୍ୟନ୍ତ ଉଦବେଗର ବିଷୟ ବିଭଗୀୟ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ବଜାର ମୁଖ୍ୟ ରାସ୍ତାଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବା ୫୦ ମିଟର ରାସ୍ତା ପାଶ୍ୱର୍ରେ ଡ୍ରେନେଜ ବ୍ୟବସ୍ଥା ନ କରିବା ଯୋଗୁଁ ଅସରାଏ ବର୍ଷାହେଲେ ଆଣ୍ଠୁଏ ପାଣି ଜମିରହୁଛି। ଫଳରେ ଯାତାୟାତରେ ରୋଗୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ପୂର୍ବାହ୍ନର ଅସରାଏ ବର୍ଷାରେ ବଜାର ମୁଖ୍ୟ ରାସ୍ତାରୁ ଏହି ରାସ୍ତା ଉପରେ ଶହ ଶହ ସଂଖ୍ୟାରେ ପ୍ଲାଷ୍ଟିକ ବୋତଲ ଓ ଅଇଁଠା ଖଲି, ଚଉପତି ଭାସି ଆସୁଥିବା ଦେଖିବାକୁ ମିଳିଛି। ବହୁ ବର୍ଷ ଧରି ଏ ସମସ୍ୟା ଲାଗି ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ପ୍ରଶାସନିକ ସ୍ଥାଣୁତାକୁ ଦର୍ଶାଉଛି। ଆଗକୁ ବର୍ଷାଋତୁ ଥିବାରୁ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧି ଏହି ଗୁରୁତର ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଶ୍ରୀଜଗନ୍ନାଥ କଳା ଏକାଡେମୀର ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ



**ବାରିପଦା, ୩୧।୫(ସମିସ):** ସ୍ଥାନୀୟ ପାଲବଣୀର ଶ୍ରୀଜଗନ୍ନାଥ କଳା ଏକାଡେମୀ ଦ୍ୱାରା ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ରବିବାର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷା ଶିଭସ୍ମିତା ଭାରତୀ ହୋତାଙ୍କ ତତ୍ତ୍ୱାବଧାନରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡଃ ବନଜା ମହାନ୍ତି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ଚାରୁଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ୱାର୍ଡ କାଉନସିଲର ଦେବାଶିଷ ପାତ୍ର ଉପସ୍ଥିତ ରହି ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ଉତ୍ସାହିତ କରିବା ସହିତ ଭଲ ଜୀବନ ଶୈଳୀ ଗଢିବା ପାଇଁ ବିଭିନ୍ନ ଉପଦେଶ ଦେଇଥିଲେ। ଦୀର୍ଘ ୧୧ ଦିନ ବ୍ୟାପୀ ଶିବିର ଚାଲିଥିଲା। ମୟୂରଭଞ୍ଜର ବିଭିନ୍ନ ପ୍ରାନ୍ତରୁ ପିଲାମାନେ ଅଂଶଗ୍ରହଣ କରଥିଲେ। ଏହି ଶିବିରରେ ଆର୍ଟ ଆଣ୍ଡ କ୍ରାପଟ ସହିତ ଟେରାକୋଟା, ଯୋଗ, ନୃତ୍ୟ, ଆଉଟ୍‌ଡୋର ଷ୍ଟଡ଼ି ବିଭିନ୍ନ ପ୍ରକାର ଖେଳ ଅନୁଷ୍ଠିତ ହୋଇଥିଲା। ଆଉଟ୍‌ଡୋର ଷ୍ଟଡି ପାଇଁ ପିଲାମାନେ ଶ୍ରୀରାମଚନ୍ଦ୍ର ପାଠାଗାର ପରିଦର୍ଶନ କରିଥିବାବେଳେ ଖେଳକୁଦ ପାଇଁ ବିଜୁ ପଟ୍ଟନାୟକ ପାର୍କକୁ ଯାଇଥିଲେ। ବର୍ତ୍ତମାନ ପିଲାମାନେ ମୋବଇଲ ଫୋନରେ ବ୍ୟସ୍ତ ରହୁଥିବାବେଳେ ପ୍ରତ୍ୟେକ ଦିନ ୪ ଘଣ୍ଟା ବିଭିନ୍ନ କାର୍ଯ୍ୟକ୍ରମରେ ନିୟଜିତ ରହି ଫୋନଠାରୁ ଦୁରେଇ ରହିବାର ଚେଷ୍ଟା ସମସ୍ତଙ୍କୁ ସଫଳତା ଦେଇଥିଲା। ଏ ଅବସରରେ ଉତ୍ସବରେ ସାର୍ଟିଫିକେଟ ଓ ପଦକ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲ। ଟ୍ରଷ୍ଟି ସୁବାସ ଚନ୍ଦ୍ର ରାଉତ ଓ ରାକେଶ କୁମାର ବେହେରାଙ୍କ ସହିତ କଳା ଶିକ୍ଷକ ପ୍ରକାଶିନୀ ସାହୁ, ତାପସୀ ମଢୁଆଳ, ଚିରଞ୍ଜୀବ ସାହୁ, ଯୋଗଶିକ୍ଷକ ଚନ୍ଦନ ମିଶ୍ର, ନୃତ୍ୟ ଶିକ୍ଷକ ସୁଜିତ କୁମାର ଧଳ ଓ ସାଇରା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବା ସହିତ ପରିଚାଳନାରେ ସହଯୋଗ କରିଥିଲେ। ଟ୍ରଷ୍ଟି ରାକେଶ ବେହେରା ଧନ୍ୟବାଦ ଅର୍ପଣ କରିଥିବାବେଳେ ତାପସୀ ମଢୁଆଳ ଓ ସ୍ମୃତି ସମ୍ପର୍ଣ୍ଣା ମଞ୍ଚ ପରିଚାଳନା କରିଥିଲେ।

ଦୁଇଥର ଶିଳାନ୍ୟାସ ପରେ ବି ଗଙ୍ଗାହାର ନଦୀରେ ହେଉନି ପୋଲ ନିର୍ମାଣ

# ଗୋପବନ୍ଧୁନଗର ଓ ବଡ଼ସାହି ବ୍ଲକ୍‌ବାସୀଙ୍କ ବାଉଁଶ ପୋଲ ଭରସା

**କୁଆମରା,୩୧।୫(ସମିସ):**



ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ୍‌ରୁ ବଡ଼ସାହି ବ୍ଲକକୁ ସଂଯୋଗ କରୁଥିବା ରାସ୍ତା ମଝିରେ ରହିଛି ଗଙ୍ଗାହାର ନଦୀ। ଏହି ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦୁଇଥର ଶିଳାନ୍ୟାସ ହୋଇଥିଲେ ବି ପୋଲ ନିର୍ମାଣର ନାଁ ଗନ୍ଧ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲୋକେ ଜୀବନକୁ ବାଜି ଲଗାଇ ନଦୀ ପାରି ହେଉଥିଲେ ବି ଏଥିପ୍ରତି ରାଜନେତା କିମ୍ବା ପ୍ରଶାସନର ନିଘା ନ ଥିବା ଅଭିଯୋଗ ହେଉଛି।

ଖୁଣ୍ଟାରୁ ରାଣୀବନ୍ଧ ଦେଇ ବଡ଼ସାହି ବ୍ଲକ ସହାଗପୁରା ଛକକୁ ଏହି ରାସ୍ତା ସଂଯୋଗ କରୁଛି। ଏ ବ୍ଲକ୍‌ରୁ ସେ ବ୍ଲକ୍‌କୁ ଯିବାକୁ ଲୋକେ ବର୍ଷ ତମାମ ବାଉଁଶ ପୋଲ ଉପରେ ଭରସା କରନ୍ତି। ଅଧିକ ବର୍ଷା ଓ ବନ୍ୟା ହେଲେ ଅସ୍ଥାୟୀ ବାଉଁଶ ପୋଲ ଏକାଧିକ ଥର ଧୋଇ ନେଇଥାଏ। ଯାହା ଯାତାୟାତରେ ଘୋର ଅସୁବିଧା ଦେଖା ଦେଇଥାଏ। ଭରା ନଦୀରେ ଜୀବନକୁ ବାଜି ଲଗାଇ ଗରିବ ଆଦିବାସୀ ଲୋକ ଏପାରିରୁ ସେପାରିକୁ କାମ ଧନ୍ଦା ଓ ଜାଳେଣି କାଠ ସଂଗ୍ରହ କରିବାକୁ ପାରି ହୋଇଥା'ନ୍ତି। ବର୍ଷାଋତୁରେ ନାନା ସମସ୍ୟା ଭୋଗିବାକୁ ପଡ଼ିଥାଏ। ନଦୀ ଅଣଓସାରିଆ ହେତୁ ସାମାନ୍ୟ ବର୍ଷା ହେଲେ କୂଳ ଲଙ୍ଘିଥାଏ। ଚାରିଚକିଆ ଯାନ, ସ୍ୱାସ୍ଥ୍ୟ ଓ ଅଗ୍ନିଶମ ବିଭାଗ ଭଳି ଜରୁରୀ ସେବାରେ ବିଳମ୍ବ ଘଟିଥାଏ। ରାସ୍ତାଟି ଉଦଳା, ବାଲେଶ୍ୱର ଓ ବାରିପଦାକୁ ସଂଯୋଗ କରୁଥିବାବେଳେ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି। ଏଠାରେ ପକ୍କା ପୋଲ ନିର୍ମାଣ ପାଇଁ ଦୀର୍ଘ ୨୦ ବର୍ଷ ଧରି ଦାବି ହୋଇଆସୁଥିବାବେଳେ ଇତିମଧ୍ୟରେ ଦୁଇ ବିଧାୟକ ସ୍ୱର୍ଗତ ଗୋଲକ ନାୟକ ଓ ଭାସ୍କର ଚନ୍ଦ୍ର ମଢେଇଙ୍କ ଦ୍ୱାରା ଦୁଇଥର ଶିଳାନ୍ୟାସ କରାଯାଇଥିଲେ ମଧ୍ୟ ପୋଲ ନିର୍ମାଣର ନାଁ ଗନ୍ଧ ନାହିଁ। ତେବେ ନିର୍ବାଚନ ଆସିଲେ ପୋଲ ନିର୍ମାଣର ପ୍ରତିଶ୍ରୁତି ମିଳିଥାଏ। ନିର୍ବାଚନ ସରିଲେ ଏଥିପ୍ରତି କାହାର ବି ଧ୍ୟାନ ନ ଥାଏ। ଏଠାରେ ପୋଲ ନିର୍ମାଣ ହେଲେ ଦୁଇ ବ୍ଲକ୍‌କୁ ସଂଯୋଗ ହେବା ସହ ଗମନାଗମନ ସୁଗମ ହେବ ବୋଲି କୁହାଯାଇଛି। ସରକାର ପୋଲ ନିର୍ମାଣ ଉପରେ ପଦକ୍ଷେପ ନେବାକୁ ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ ଖଟୁଆ, ବ୍ଲକ୍ ବିଜେଡି ସଭାପତି ସତ୍ୟବାନ ଉପାଧ୍ୟାୟ, ହିମାଂଶୁ ଶେଖର ପରିଡ଼ା, ପାର୍ଥେନ୍ଦୁ ନାଏକ, ପୂର୍ବତନ ବ୍ଲକ ବିଜେଡି ସଭାପତି ପ୍ରଦୀପ କୁମାର ଉପାଧ୍ୟାୟ ପ୍ରମୁଖ ଦାବି କରିଛନ୍ତି।

ଜୁନ ମାସ ଜନଶୁଣାଣି ଶିବିର କାର୍ଯ୍ୟସୂଚୀ ପ୍ରକାଶ

## ୨୯ରେ ବରେହିପାଣି ପଞ୍ଚାୟତ କାର୍ଯ୍ୟାଳୟରେ ହେବ ଶିବିର

**ବାରିପଦା,୩୧।୫(ସମିସ):** ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଜୁନ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନଅଭିଯୋଗ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍ ମାସର ପ୍ରଥମ ସୋମବାର ୧ ତାରିଖ ଦିନ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷ, ଦ୍ୱିତୀୟ ସୋମବାର ୮ ତାରିଖ ବାମନଘାଟି ଉପଖଣ୍ଡ ପାଇଁ ରାଇରଙ୍ଗପୁରସ୍ଥ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ତୃତୀୟ ସୋମବାର ରଜ ଛୁଟି ପାଇଁ ୧୬ ତାରିଖ ମଙ୍ଗଳବାର ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଚତୁର୍ଥ ସୋମବା ୨୨ ତାରିଖ କପ୍ତିପଦା ଉପଖଣ୍ଡ ପାଇଁ ଉଦଳାସ୍ଥ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ପଞ୍ଚମ ସୋମବାର ୨୯ ତାରିଖ ଯଶିପୁର ନିର୍ବାଚନମଣ୍ଡଳୀର ବରେହିପାଣି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚପିଢ ଉପଖଣ୍ଡ ଅଧିକାରୀଙ୍କୁ ନେଇ ମିଳିତ ଜନଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଲୋକସମ୍ପର୍କ ଓ ସୂଚନା ଅଧିକାରୀ ଶିଶିର କୁମାର ମୁଦୟା କହିଛନ୍ତି।

ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ଲାଇନ ବିଭାଗ ଅଧିକାରୀ, ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓଙ୍କ ଉପସ୍ଥିତିରେ ଓ ଜିଲ୍ଲାର ଅନ୍ୟ ଉପଖଣ୍ଡ ଓ ବରେହିପାଣି ପଞ୍ଚାୟତରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଅଭିଯୋଗର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଞ୍ଚଳର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇପାରିବେ ବୋଲି କୁହାଯାଇଛି।

## ପୂର୍ବତନ ବ୍ଲକ୍ ଅଧ୍ୟକ୍ଷାଙ୍କୁ ଶ୍ରଦ୍ଧାଞ୍ଜଳି

**ମୋରଡ଼ା,୩୧।୫(ସମିସ):** ଶୁଳିଆପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ଚୁହାଟ ପଞ୍ଚାୟତ ସମିତି ସଭ୍ୟା କାଜଲ ମାରାଣ୍ଡିଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଆଜି ଦ୍ୱାଦଶ କ୍ରିୟାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସ୍ମୃତିଚାରଣ କରିବା ସହ ଶୋକ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ସହ ପୂର୍ବତନ ବିଧାୟକ ଓ ବିଜେପିର ବହୁ ନେତା, କର୍ମୀ ଉପସ୍ଥିତ ରହି ଦିବଙ୍ଗତ ନେତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗତ କିଛିଦିନ ତଳେ ଅସୁସ୍ଥତା କାରଣରୁ କାଜଲ ମାରାଣ୍ଡିଙ୍କ ପରଲୋକ ଘଟିଥିଲା। ଆଜି ତାଙ୍କ ବାସଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମନ୍ତ୍ରୀ ଡା. ମହାପାତ୍ର ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ସେ ଦିବଙ୍ଗତ ନେତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମନ୍ତ୍ରୀ କହିଥିଲେ, କାଜଲ ମାରାଣ୍ଡି ଦୁଇ ଦୁଇଥର ବ୍ଲକ ଅଧ୍ୟକ୍ଷା ଭାବେ ଶୁଳିଆପଦା ଅଞ୍ଚଳର ବିକାଶ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ତାଙ୍କର ଅକାଳ ବିୟୋଗ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି। ପୂର୍ବତନ ବିଧାୟକ କାହ୍ନୁ ସୋରେନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ମୟୂରଭଞ୍ଜ ସାଂସଦଙ୍କ ବ୍ଲକ ପ୍ରତିନିଧି ଭାଗବତ ମାରାଣ୍ଡି, ବିଜେପି ଦେଉଳି ମଣ୍ଡଳ ସଭାପତି ମନୋଜ କୁମାର ଦାଁ, ସମାଜସେବୀ ଅନ୍ତର୍ଯ୍ୟାମୀ କାନୁନଗୋ, ପୂର୍ବତନ ବିଜେପି ଜିଲ୍ଲା ଯୁବ ସଭାପତି ବଳରାମ ସାହୁଙ୍କ ସମେତ ବହୁ ଜନପ୍ରତିନିଧି, ବ୍ଲକ ଅଧ୍ୟକ୍ଷା ପାନମଣି ମାରାଣ୍ଡି, ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ଦଳର ନେତା ଓ କର୍ମୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାଜଲ ମାରାଣ୍ଡି ଦୀର୍ଘବର୍ଷ



ଧରି ଶୁଳିଆପଦା ଅଞ୍ଚଳରେ ସକ୍ରିୟ ରାଜନୀତି କରିଆସୁଥିଲେ। ଗ୍ରାମାଞ୍ଚଳର ବିକାଶ, ମହିଳା ସଶକ୍ତୀକରଣ ଓ ଆଦିବାସୀ କଲ୍ୟାଣ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ବିୟୋଗରେ ସମଗ୍ର ଶୁଳିଆପଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦିବ୍ୟାଙ୍ଗଙ୍କ ଉନ୍ନତି ପାଇଁ ଉପଖଣ୍ଡସ୍ତରୀୟ କଲ୍ୟାଣ ବୋର୍ଡ ଗଠନ

**କରଞ୍ଜିଆ,୩୧।୫(ସମିସ):** ସମାଜର ପ୍ରତ୍ୟେକ ବର୍ଗ ଓ ସ୍ତରରେ ବସବାସ କରୁଥିବା ଲୋକଙ୍କ ସାମଗ୍ରିକ ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏ ପରିପ୍ରେକ୍ଷୀରେ ଦିବ୍ୟାଙ୍ଗଙ୍କ ସମସ୍ୟାର ତ୍ୱରିତ ସମାଧାନ ଓ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି କଳ୍ପେ କରଞ୍ଜିଆ ଉପଖଣ୍ଡ ସ୍ତରରେ ଏକ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ଜିଲ୍ଲା ପ୍ରଶାସନ (ସ୍ୱାସ୍ଥ୍ୟ ବିଭାଗ), ମୟୂରଭଞ୍ଜଙ୍କ ନିର୍ଦ୍ଦେଶକ୍ରମେ କରଞ୍ଜିଆ ଉପଖଣ୍ଡର କୋଣଅନୁକୋଣରେ ବସବାସ କରୁଥିବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଉପଖଣ୍ଡ ଡାକ୍ତରଖାନା କରଞ୍ଜିଆରେ ଏହି ବୋର୍ଡ କାର୍ଯ୍ୟକ୍ଷମ ହେବ । ଚଳିତ ମାସ ୨୯ ତାରିଖରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ପ୍ରତ୍ୟେକ ମାସର ତୃତୀୟ ଶୁକ୍ରବାର ଏହି ବୋର୍ଡର ବୈଠକ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି। ଏଣୁ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ଓ ସେମାନଙ୍କ ସହ ଜଡ଼ିତ ପରିବାର ସଦସ୍ୟ ଓ ସାଧାରଣ ଲୋକଙ୍କ ଅବଗତି ନିମନ୍ତେ ଏହି ସୂଚନାକୁ ସମ୍ବାଦପତ୍ରରେ ପ୍ରକାଶ କରିବାକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

● ହଷ୍ଟେଲ ୱାର୍ଡେନଙ୍କୁ ହତ୍ୟା ଘଟଣା

## ଟିଆଇ ପରେଡରେ ଅଭିଯୁକ୍ତଙ୍କୁ ଚିହ୍ନଟ କଲେ ବିଦ୍ୟାଳୟ ଅଧ୍ୟକ୍ଷା

**ବୈଶିଙ୍ଗା, ୩୧।୫(ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଗଡ଼ଦେଉଳିଆ ଛକ ନିକଟରେ ଥିବା ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଘରୋଇ ବିଦ୍ୟାଳୟର ଅଧ୍ୟକ୍ଷା ଓ ହଷ୍ଟେଲ ୱାର୍ଡେନଙ୍କୁ ଗତ ମାର୍ଚ୍ଚ ୨୦ ତାରିଖ ରାତି ପ୍ରାୟ ୧୦ଟା ସମୟରେ ମରଣାନ୍ତକ ଆକ୍ରମଣରେ ୱାର୍ଡେନ ମାନଗୋବିନ୍ଦପୁର ଉପକଣ୍ଠ ଧନାପାଳ ଗ୍ରାମର ସନ୍ୟାସୀ ଦାସଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଅଧ୍ୟକ୍ଷା କାଦମ୍ବିନୀ ରାଉତ ଗୁରୁତର ଆହତ ହୋଇଥିଲେ। ତେବେ ଘଟଣାର ସପ୍ତାହେ ପରେ ଏହି ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ପର୍ଦ୍ଦାଫାସ କଲା ବୈଶିଙ୍ଗା ପୁଲିସ। ଘଟଣାରେ ସମ୍ପୃକ୍ତ ଜଣେ ହଷ୍ଟେଲରେ ରହୁଥିବା ୯ମ ଶ୍ରେଣୀ ଛାତ୍ରଙ୍କ ସମେତ ୨ ଭାଇଙ୍କୁ ମିଶାଇ ୩ ଅଭିଯୁକ୍ତ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ତେବେ ଘଟଣାର ୨ ମାସ ପରେ ହତ୍ୟାକାଣ୍ଡର ମୁଖ୍ୟ ସାକ୍ଷୀ ବିଦ୍ୟାଳୟ ଅଧ୍ୟକ୍ଷା କାଦମ୍ବିନୀ ରାଉତକୁ ନେଇ ବାରିପଦା କାରାଗାରରେ ଟିଆଇ ପରେଡ କରିଛି। ଏମିତିକି କାଦମ୍ବିନୀ ଘଟଣା ଘଟାଇଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ମଧ୍ୟ ସୂଚନା ମିଳିଛି। ଏହି ଘଟଣାରେ ଟିଆଇ ପରେଡ ପାଇଁ ପୁଲିସ ପକ୍ଷରୁ ବେତନଟୀ ଜେଏମଏଫସି କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟଙ୍କ ଅନୁମତି ମିଳିବା ପରେ ନିୟମ ଅନୁଯାୟୀ ବୈଶିଙ୍ଗା ଥାନା ଅଧିକାରିଣୀ ବାରିଣୀ ଦାସ ସାକ୍ଷୀକୁ ନେଇ ଟିଆଇ ପରେଡ କରିଥିବା ଜଣାପଡ଼ିଛି।

# ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାରିପଦା, ୩୧।୫(ସମିସ):** ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମ ପଡ଼ିଆରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଜିଲ୍ଲା କ୍ରୀଡ଼ା ବିଭାଗ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସହଯୋଗରେ ଚାଲିଥିବା ୩୦ଦିନିଆ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୮ରୁ ୧୬ ବର୍ଷ ବୟସର ୩୭ ଜଣ ବାଳକ ଓ ୫ ଜଣ ବାଳିକା ଯୋଗ ଦେଇଥିଲେ। ଫୁଟବଲ କୋଚ୍ ଅବନୀ ମୋହନ ମହାନ୍ତି ଓ ଯବାମଣୀ ସୋରେନ, ଶାରୀରିକ ଦୃଢ଼ତା ପ୍ରଶିକ୍ଷକ ରବୀନ୍ଦ୍ର ହାଁସଦା, ଶାରୀରିକ ଶିକ୍ଷା କୋଚ୍ ଶୁଭକାନ୍ତ ଦଲେଇ ଓ ନରେନ୍ଦ୍ର ମହାନ୍ତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସ୍ପୋର୍ଟ୍ସ ହଷ୍ଟେଲ ମ୍ୟାନେଜର ପ୍ରତାପ କୁମାର ସାହୁ ଓ ୱାର୍ଡେନ ମନୋଜ କୁମାର ମହାନ୍ତି ଓ ସମସ୍ତ କର୍ମଚାରୀ ଷ୍ଟାଡ଼ିୟମ ପଡ଼ିଆ ରକ୍ଷକ କ୍ଷେତ୍ରମୋହନ ଧଳ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହସମ୍ପାଦକ ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ବିଶିଷ୍ଟ ଫୁଟବଲ ଖେଳାଳି ନନ୍ଦଲାଲ ମହାପାତ୍ର ଓ ଉତ୍ତମ ସାହୁ, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।



ଦୁଆରଶୁଣି ଘାଟି ରାସ୍ତା ୪ ଲେନ୍ ପାଇଁ କଣ୍ଟ୍ରୋଲ ବ୍ଲାଷ୍ଟିଂ

# ୧୫ ଦିନ ପାଇଁ ବୁଧବାରରୁ ଶନିବାର ଗାଡ଼ି ଚଳାଚଳ ବନ୍ଦ

**ବାରିପଦା,୩୧।୫(ସମିସ):**



ବାଙ୍ଗିରିପୋଷି ନିକଟ ଦୁଆରଶୁଣି ଘାଟିରେ ୪୯ ନଂ ଜାତୀୟ ରାଜପଥ ୪ ଲେନ୍ ବିଶିଷ୍ଟ କରାଯାଉଛି। ଏହି କାମ ପାଇଁ କଣ୍ଟ୍ରୋଲ୍ ବ୍ଲାଷ୍ଟିଂ ଚାଲିବ। ଏଥିପାଇଁ ସୋମବାର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦିନରେ ଟ୍ରାଫିକ୍ କଟକଣା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଘାଟି ରାସ୍ତା ୪ ଲେନ୍ କାର୍ଯ୍ୟ ପାଇଁ କଣ୍ଟ୍ରୋଲ୍ ବ୍ଲାଷ୍ଟିଂ କରାଯିବ। ଏଣୁ ସୋମବାର ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧ, ଗୁରୁ, ଶୁକ୍ର ଓ ଶନିବାର ଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଘାଟିର ଉଭୟ ପାଶ୍ୱର୍ରୁ ସମସ୍ତ ପ୍ରକାରର ଯାନବାହନ (ଦୁଇ, ତିନି ଓ ଭାରୀଯାନ) ଓ ପଥଚାରୀଙ୍କ ଗତିବିଧି ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ ରହିବ। ତେବେ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରିକାଳୀନ ସେବା ଯାନକୁ ନିର୍ମାଣ କର୍ତ୍ତୃପକ୍ଷ, ଏନ୍‌ଏଚ୍‌ଏଆଇ ଓ ପୁଲିସ୍ ଅଧିକାରୀଙ୍କ ସହିତ ଆଲୋଚନା କରି ଯାତାୟାତ କରିବାକୁ ଅନୁମତି ଦିଆଯିବ। ଛୋଟ ଯାନଗୁଡ଼ିକୁ ବିଶୋଇ-ଅର୍ଗଲବିନ୍ଧା-ଶଙ୍ଖଭଙ୍ଗା-ଜୋକା-ଚନ୍ଦନପୁର-କାତ୍ରା ଛକ ରାସ୍ତା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ବାଙ୍ଗିରିପୋଷି ଓ ବିଶୋଇ ଥାନା ଆଇଆଇସିଙ୍କୁ ଉଭୟ ପାଶ୍ୱର୍ରେ ପୁଲିସ୍ ଫୋର୍ସ ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହପାଳିତ ପ୍ରାଣୀଗୁଡ଼ିକୁ ମଧ୍ୟ ଘାଟି ଅଞ୍ଚଳରେ ଚରାଇବା ଉପରେ ନିଷେଧ କରାଯାଇଛି। ଗ୍ରୀଷ୍ମ ଲହରୀ ସମୟରେ ଶ୍ରମିକଙ୍କୁ ବାହାରେ କାମ କରାଇବା ଉପରେ ନିୟନ୍ତ୍ରଣ, ପାଣି, ଓଆରଏସ ବ୍ୟବସ୍ଥା କରିବାକୁ କୁହାଯାଇଛି। ଯାନବାହନ ପାର୍କିଂ ପାଇଁ ତହସିଲଦାର ଜମି ଚିହ୍ନଟ କରିବେ। ଜିଲ୍ଲାପାଳ ଏହି ଆଦେଶରେ ସମସ୍ତ ଜନସାଧାରଣଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟ ଶୀଘ୍ର ସମାପ୍ତ ହେବା ସହ ରାସ୍ତା ସୁରକ୍ଷିତ ଓ ଉନ୍ନତ ହେବ ବୋଲି ଆଶା କରାଯାଉଛି।

## ରଶ୍ମିତା ମିଶ୍ର ଜିଲ୍ଲା ମହିଳା କଂଗ୍ରେସ ସଭାପତି



**ବାରିପଦା,୩୧।୫(ସମିସ):** ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ (ପୂର୍ବ) ମହିଳା କଂଗ୍ରେସ ସଭାପତି ଭାବେ ରଶ୍ମିତା ମିଶ୍ରଙ୍କୁ ନୂତନ ଦାୟିତ୍ୱ ମିଳିଛି। ଦୀର୍ଘ ୨୫ ବର୍ଷ ଧରି ଶୃଙ୍ଖଳିତ ଭାବେ କଂଗ୍ରେସ ଦଳରେ କାର୍ଯ୍ୟ କରି ପୂର୍ବରୁ ବାରିପଦା ସହର ମହିଳା କଂଗ୍ରେସର ନେତ୍ରୀ ହିସାବରେ ନିଜର ଦକ୍ଷତା ପ୍ରଦର୍ଶନ କରି ପ୍ରଦେଶ ମହିଳା କଂଗ୍ରେସ ନିକଟରେ ପ୍ରିୟଭାଜନ ହୋଇଥିଲେ। ରଶ୍ମିତା ମିଶ୍ରଙ୍କ ଭଳି ଜଣେ ନିଷ୍ଠାପର ସଂଗଠିକାଙ୍କୁ ପ୍ରଦେଶ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଓ ଅଖିଳ ଭାରତ ମହିଳା କଂଗ୍ରେସ ସଭାପତି ଅଲକା ଲାମ୍ବାଜୀ ନୂତନ ଭାବରେ ଦାୟିତ୍ୱ ଦେଇ ମହିଳା କଂଗ୍ରେସକୁ ସୁଦୃଢ଼ ହେବାର ବିଶ୍ୱାସ ରଖିଥିବାରୁ ମୟୂରଭଞ୍ଜ ଜିଲ୍ଲା ଯୁବ କଂଗ୍ରେସ ରାଜ୍ୟ ମହିଳା କଂଗ୍ରେସ ନେତୃମଣ୍ଡଳୀ, ରାଜ୍ୟ କଂଗ୍ରେସର ନେତୃମଣ୍ଡଳୀ ଓ ଅଖିଳ ଭାରତ ମହିଳା କଂଗ୍ରେସର ନେତୃମଣ୍ଡଳୀ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ନାଜିର ଉଲ ହକ, ପୂର୍ବତନ ମହିଳା କଂଗ୍ରେସର ଜିଲ୍ଲା ସଭାପତି ରଞ୍ଜିତା ଯୋଶୀ, ସସ୍ମିତା ଘୋଷାଲ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଶୁଭସ୍ମିତା ଦାସ, ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ଏସସି ସେଲ ଅଧ୍ୟକ୍ଷା ସସ୍ମିତା ବେହେରା, ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଭାସ କରମହାପାତ୍ର (ମୋରଡ଼ା), ପ୍ରମୋଦ ହେମ୍ବ୍ରମ (ବାରିପଦା), ଦୁର୍ଗାଚରଣ ଟୁଡୁ (ଉଦଳା), ମୁରଲୀଧର ନାଏକ (ବାଙ୍ଗିରିପୋଷି), ମହିଳା ନେତ୍ରୀ ପିଙ୍କି ମହାପାତ୍ର, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ରାଜେଶ ପଡ଼ିଆରୀ, ଅମରଜିତ ବାରିକ, ମହିଳା ନେତ୍ରୀ ଇତିଶ୍ରୀ ମିଶ୍ର, ସୁଲୋଚନା ମାରାଣ୍ଡି, ଛବିରାଣୀ ବାରିକ, ମଞ୍ଜୁତା ବେହେରା, ସୋମବାରୀ ସିଂ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ବିଶ୍ୱ ତମାଖୁ ବର୍ଜନ ଦିବସରେ ସଚେତନତା ସଭା




**ବାଲେଶ୍ୱର, ୩୧।୫ (ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମେ ଆଇ ହେଲ୍ପ ୟୁ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୂର୍ଯ୍ୟଜିତ ରାଉତରାୟ ତମାଖୁ ସେବନ ଦ୍ୱାରା କର୍କଟ, ହୃଦ୍‌ରୋଗ ଭଳି ମାରାତ୍ମକ ରୋଗ ହୋଇଥାଏ ଓ ଏଥିପାଇଁ ବ୍ୟାପକ ସଚେତନତା ଆବଶ୍ୟକ ବୋଲି କହିଥିଲେ। ଏ ବର୍ଷର ବାର୍ତ୍ତା ତମାଖୁ ଓ ନିକୋଟିନ ନିଶା ପ୍ରତି ଆକର୍ଷଣ ସୃଷ୍ଟି କରୁଥିବା ଶିଳ୍ପକୁ ନିୟନ୍ତ୍ରଣ କରିବା, ନିଶାମୁକ୍ତ ସମାଜ ଗଢିବା ଏବଂ ତମାଖୁ ବର୍ଜନ ପାଇଁ ସଚେତନତା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରବନ୍ଧକ ଅଣ ସଂକ୍ରମକ ରୋଗ ମୌସୁମୀ ସାମଲ ପ୍ରମୁଖ ତମାଖୁ ବର୍ଜନ ସମ୍ପର୍କ ରେ ଆଲୋଚନା କରିଥିଲେ। ଏହି ଅବସରରେ ତମାଖୁ ବର୍ଜନ ପାଇଁ ଶପଥ ପାଠ କରାଯାଇଥିଲା। ତମାଖୁ ବର୍ଜନ ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। 'ମେ ଆଇ ହେଲ୍ପ ୟୁ' ର ସମ୍ପାଦକ ଉବାଚକ ମହାନ୍ତି, ସସ୍ମିତା ମହାନ୍ତି, ଅନୁପମା ଦାଶ, ସୁସ୍ମିତା ଦାସମଙ୍ଗରାଜ ଓ ଦମୟନ୍ତୀ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

**ଜଳେଶ୍ୱର ବ୍ଲକ, ୩୧।୫ (ସମିସ) :** ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ, ଜଳେଶ୍ୱର ପକ୍ଷରୁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମନା) ଜଳେଶ୍ୱର ଶାଖା ର ସଭାପତି ଦିଲ୍ଲୀପ କୁମାର ଗିରି ସଭାପତିତ୍ୱ ରେ, ଅନ୍ୟତମ ବରେଣ୍ୟ ଅତିଥି ଭାବରେ ଦିବସ ରେ ସଂକଳ୍ପ ନିଶା ମୁକ୍ତ ସମାଜ। ନିଶା କୁ ବର୍ଜନ ପାଇଁ ସଚେତନତା ସୃଷ୍ଟି କରିବା ଏବଂ କଥାରେ ଅଛି ପାନ ବିଡ଼ି ନୁହେଁ ଛୁଟିଆ ନିଶା ଜଣା ପଡ଼େ ନାହିଁ ଟାଣେ ପଇସା ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଜୟ ମହାପାତ୍ର,ଆଶିଷ ମହାପାତ୍ର, ଯଦୁନାଥ




ଜିଲ୍ଲା ରକ୍ତ ଦାତା ସଂଘ ର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ସମ୍ପାଦକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ର ଚେୟାରମେନ ଅଧ୍ୟକ୍ଷ ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତି ସଭା ସଂଚାଳନ କରିଥିଲେ। ବକ୍ତବ୍ୟରେ କହିଥିଲେ ଆଜି ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ ଏହି ନାଏକ,ଗୌରୀ ଶଙ୍କର ପ୍ରଧାନ,ରାଜ କୁମାର ବେହେରା,ପୃଥୁନାଥ ମାରାଣ୍ଡି, ବିଜୟ ଦାସ, ହିମାଂଶୁ ହେମ୍ବ୍ରମ, ହରିଶଙ୍କର ମାଝୀ, ଶମ୍ଭୁନାଥ ଦାସ, ଅରୁଣ କୁମାର ଦେ,କାଞ୍ଚନ ମୁର୍ମୁ, ସାଗର ପରିଡା ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ଡଃ ଅଜିତ କୁମାର ମହାନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ରାଲି




**କାଳିପଦା, ୩୧।୫ (ସମିସ):** ଆସନ୍ତା ନିର୍ବାଚନକୁ ଆଖି ଅଗରେ ରାଖି ସାରା ରାଜ୍ୟର ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏହି ଅବସରରେ ରବିବାର ପୂର୍ବାହ୍ନ ୮ଘଟିକା ସମୟରେ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ ସଚେତନତା ରାଲି କାର୍ଯ୍ୟକ୍ରମ୍ ଅନୁଷ୍ଠିତ ହୋଇ ଯାଇଛି। ଏହି ରାଲି ବାଲିଆପାଳ ବ୍ଲକ ପରିସରରୁ ବାହାରି ବ୍ଲକ ଛକ, ପାରୁଳିଆ ଛକ, ଜାମଜୁଣ୍ଡା ଛକ,ବାଲିଆପାଳ ପୁରୁଣା ବସ ଷ୍ଟାଣ୍ଡ ଦେଇ ବାଲିଆପାଳ ତହସିଲ ପର୍ଯ୍ୟନ୍ତ ଯାଇଥିଲା ଏହି ସଚେତନତା ରାଲିରେ ୩୭ ନମ୍ବର ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍?ାଚନ ପଞ୍ଜୀକରଣ ଅଧିକାରିଣୀ ବିଥିକା ସ୍ୱାଇଁ, ବାଲିଆପାଳ ବ୍ଲକ ବିଡିଓ ରାଧା ରଞ୍ଜନ ଦାସ, ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରି ଶରତ ଚନ୍ଦ୍ର ମୁଦୁଲି, ଜିପିଡିଓ ପ୍ରିୟବ୍ରତ ଗିରି, ସମସ୍ତ ବିଏଲଓ, ସୁପର ଭାଇଜର,ବିଏଲଓଙ୍କ ସହିତ ବ୍ଲକର ସମସ୍ତ କର୍ମଚାରୀ ଯୋଗ ଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ ବାବଦରେ ସଚେତନତା ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ।

## ଜିଲ୍ଲା ଖଣି ବିଭାଗ ତରଫରୁ ଚଢ଼ଉ

# ୧୦ ହାଇୱା ଓ ୪ ଟ୍ରାକ୍ଟର ଜବତ

**ଜଳେଶ୍ୱର, ୩୧।୫ (ସମିସ)**

ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ ଜିଲ୍ଲା ମାଇନିଂ ବିଭାଗ ତରଫରୁ ବିଭିନ୍ନ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଖନନ ଓ ଚୋରା ଚାଲାଣ କରୁଥିବା ଖାଦାନ ଓ ବିଭିନ୍ନ ରାସ୍ତାରେ ଚଢ଼ଉ କରି ୧୦ଟି ହାଇୱା, ୪ଟି ଟ୍ରାକ୍ଟର ଜବତ କରିଥିବା ଜଣାଯାଇଛି। ଜଳେଶ୍ୱର ଅଞ୍ଚଳରୁ ପ୍ରତିଦିନ ଶହଶହ ହାଇୱା ଓ ଟ୍ରାକ୍ଟର ଯୋଗେ ବାଲି, ମାଟି, ମୋରମ ଓଡିଶାର ବିଭିନ୍ନ ଅଞ୍ଚଳ ଓ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଅଛି। ଖଣି ବିଭାଗ ତଥା ପ୍ରଶାସନିକ




ଅଧିକାରୀଙ୍କ ନିକଟରେ ଜନସାଧାରଣ ଦୀର୍ଘଦିନ ଧରି ଅଭିଯୋଗ କରୁଥିଲେ ମଧ୍ୟ କୌଣସୀ କାର୍ଯ୍ୟାନୁଷ୍ଠାନ ହେଉ ନଥିବା ବେଳେ ରାଜ୍ୟ ପ୍ରଶାସନିକ ସ୍ତରରେ ଚାପ ଫଳରେ ଜିଲ୍ଲା ଖଣି ବିଭାଗ ତରଫରୁ ୨ଜଣ ଖଣି ଅଧିକାରୀ ଓ ୫ଜଣ କନିଷ୍ଠ ଖଣି ଅଧିକାରୀଙ୍କୁ ନେଇ ଗଠିତ ୨ଟି ଟିମ ରାତ୍ରୀରୁ ଚଢ଼ଉ ଆରମ୍ଭ କରିଥିଲେ। ସୂଚନାନୁଯାୟୀ ଜଳେଶ୍ୱରର ବିଭିନ୍ନ ଅଂଚଳରୁ ରେଳ ବିଭାଗର କାର୍ଯ୍ୟ ନାମରେ ଦୀର୍ଘଦିନ ଧରି ମାଟି ଓ ମୋରମ ଖନନ କରାଯାଇ ଚୋରା ଚାଲାଣ ଚାଲିଛି। ରେଳ ବିଭଗର କାର୍ଯ୍ୟନାମରେ ରାଇବଣିଆ ଅଂଚଳର ଜଙ୍ଗଲ ଜମି, ତଥା ସରକାରୀ ଓ ବେସରକାରୀ ଜମି ଗୁଡିକରୁ ପ୍ରତିଦିନ ଶହଶହ ହାଇୱା ଭାରୀଯାନରେ ମାଟି ଚାଲାଣ ଚାଲିଛି। ବିଭିନ୍ନ ଇଟା ଭାଟିରେ ଶହଶହ ଟ୍ରିପ ମାଟି ଭର୍ତି ହେଉଥିବା ବେଳେ ନିଜସ୍ୱ ମାଲିକାନା ଜାଗାରେ ଥିବା ପଖୋରୀ ଓ ଜମିରେ ମାଟି ଭର୍ତି କରାଯାଉଥିବାର ଦେଖିବାକୁ ମିଳୁଛି। ଯାହା ଦ୍ୱାରା ଗ୍ରାମାଂଚଳର ରାସ୍ତା ଗୁଡିକର ଅବସ୍ଥା ଗୁରୁତର ହେବା ସହିତ ମାଟି ଓ ମୋରମ ଚାଲାଣକାରୀ ଦଲାଲମାନେ ମାଲେମାଲ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ମାତ୍ର ମାଇନିଂ ବିଭାଗ ଓ ତହସିଲ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛନ୍ତି। ଦୀର୍ଘଦିନ ଧରି ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ତଥା ବିଭାଗୀୟ ଅଧିକାରୀଙ୍କ ପାଖରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଖଣି ବିଭାଗ ଗୋଡ କାଢିଥିବାର ଦେଖିବାକୁ ମିଳିଛି।

## ନିତ୍ୟାନନ୍ଦଙ୍କ ପାଇଁ ଦେବଦୂତ ସାଜିଲା ହେଲ୍ପ ଫର ୟୁ ଫାଉଣ୍ଡେସନ



**ଜଳେଶ୍ୱର ବ୍ଲକ, ୩୧।୫ (ସମିସ) :** ଘରର ମୂରବି ହିସାବରେ ନିତ୍ୟାନନ୍ଦ ମହିଶାଳ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିଲେ। ସେ କମ୍ପାନୀ ରେ କାର୍ଯ୍ୟ କରୁ କରୁ ଧିରେ ଧିରେ ତାଙ୍କର ଫୁସ୍ ଫୁସ୍ ନଷ୍ଟ ହେବାରେ ଲାଗିଲା ଅନେକ ସ୍ଥାନରେ ତାଙ୍କର ଧର୍ମପତ୍ନୀ ଗିତାଞ୍ଜଳୀ ମହିଶାଳ ଜମି, ଜାଗା,ଗହଣା ଗାଣ୍ଠି ବିକ୍ରି କରି ସ୍ୱାମୀ ନିତ୍ୟାନନ୍ଦ ମହିଶାଳକୁ ଦେଖାଇ ନିଅନ୍ତ ହୋଇ ପଡିଛନ୍ତି କାରଣ ପ୍ରତ୍ୟେକ ଦିନ ଦୁଇ ହଜାରରୁ ଅଧିକ ଟଙ୍କାର ଅମ୍ଳଜାନ ଗ୍ୟାସ ତାଙ୍କୁ ଦିଆ ଯାଇଛି। ଏବେ ତାଙ୍କର ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଛି। ଖାଲି ଏତିକି ରେ ଦୁଃଖ ସରିନାହିଁ ଏକ ମାତ୍ର ପୁଅ ପ୍ରଭାତ ମହିଶାଳ ନବମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସେ ମଧ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ଅଛି। ଏହି ଘଟଣା ଟି ବାଲେଶ୍ୱର ଜିଲ୍ଲାର ର ବସ୍ତା ବ୍ଲକ୍ ଅର୍ନ୍ତଗତ ସାହାଡ଼ା ପଞ୍ଚାୟତ ର ପହଣା ଗ୍ରାମ ର ଅଟେ।ଏହି ଦୟନୀୟ ପରିସ୍ଥିତି ରେ ଯେପରି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନ ଏକ ମହାନତା ସହିତ ମାନବିକତାର ର ପରିଚୟ ଦେଇଛି। ସଙ୍ଗଠନ ର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କ ର କିଛି କିଛି ଆର୍ଥିକ ଅବଦାନ ରେ ସଙ୍ଗଠନ ର ସକ୍ଷମ ଅନୁସାରେ ସ୍ୱାମୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପାଞ୍ଚ ହଜାର, କିଛି ମାସର ରେସନ ସାମଗ୍ରୀ, କୁନି ପୁଅ ପାଇଁ ପାଠ୍ୟ ଉପକରଣ ହେଲ୍ପ ଫର ୟୁ ଫାଉଣ୍ଡେସନ ପ୍ରଦାନ କରିଛି ସତ ମାତ୍ର ଏହି ଅର୍ଥ ନିତ୍ୟାନନ୍ଦକୁ ସମ୍ପୂର୍ଣ୍ଣ ସୁସ୍ଥ କରି ପାରିବ ନାହିଁ ତେଣୁ ସେ ଓଡ଼ିଶା ବାସୀ ଓ ସରକାରଙ୍କ ପାଖରେ ତାଙ୍କ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଗୁହାରି କରିଛନ୍ତି। କେହି ସହୃଦୟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଉକ୍ତ ଅସହାୟ ପରିବାରକୁ ସହାୟତା କରିବାକୁ ଚାହୁଁଥିଲେ ମୋବାଇଲ ନଂ. ୭୭୩୫୫୬୭୭୧୨ରେ ଯୋଗାଯୋଗ କରିପାରିବେ।

## ରାଇବଣିଆ ଥାନାରେ ପୁଲିସ କର୍ମଚାରୀ ମରୁଡ଼ି

**ଜଳେଶ୍ୱର ବ୍ଲକ, ୩୧।୫ (ସମିସ) :** ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲାକୁ ଲାଗି ରହିଛି। ଏହି ଥାନା ପରିସରରେ ରହିଛି ୧୩ଟି ପଞ୍ଚାୟତର ଶତାଧିକ ଗାଁ। ହେଲେ ସରକାରଙ୍କ ନିୟମ ଅନୁଯାୟୀ, ଆବଶ୍ୟକ ସଂଖ୍ୟକ ପୁଲିସ କର୍ମଚାରୀ ନାହାନ୍ତି। ଫଳରେ ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ରାଇବଣିଆ ଥାନାରେ ଜଣେ ଆଇଆଇସି, ଦୁଇ ଜଣ ସବ ଇନ୍ସପେକ୍ଟର, ୫ ଏଏସଆଇ, ଜଣେ ହାବିଲଦାର ଓ ୬ ଜଣ କନଷ୍ଟେବଲ ରହିବା କଥା। ଜଣେ ଆଇଆଇସି, ୨ ଜଣ ଏଏସଆଇ, ୫ କନଷ୍ଟେବଲ ଓ ଜଣେ ହାବିଲଦାର କାର୍ଯ୍ୟ କରୁଛନ୍ତି। ରାଇବଣିଆ ଥାନା ଅଞ୍ଚଳ ସମସ୍ୟା ବହୁଳ ଅଞ୍ଚଳ। ପଶ୍ଚିମ ମେଦିନୀପୁର ଜିଲାର ଦାନ୍ତୁନ ଓ ଝାଡ଼ଗ୍ରାମ ଥାନା ଅଞ୍ଚଳରେ ଅପରାଧୀ ଅପରାଧ ଘଟାଇଥାଏ। ବ୍ୟାପକ ବାଲି ମାଟି ମୋରମ ଓ କାଠ ଚୋରି ହେଉଥିଲାବେଳେ ବ୍ୟାପକ ଦୁର୍ଘଟଣା, ହିଂସା ଘଟିଆସୁଛି। ସର୍ଦାରବନ୍ଧ, ଶ୍ୟାମନଗର, ଖୁଆଡ଼, କଲମା, ରାଇବଣିଆ, କାଳିକ, ବରଡିହା, ଚମାରଗାଁ, ଶ୍ରୀରାମପୁର, ଓଲମାରା, ମାଙ୍କଡ଼ିଆ, ଖୁଡିଆମାଝୀସାହି ଓ ଦକ୍ଷିଣ ପ୍ରହରାଜପୁର ଇତ୍ୟାଦି ପଞ୍ଚାୟତ ରହିଥିବାବେଳେ ସମଗ୍ର ଜନସଂଖ୍ୟାର ୭୫ ଭାଗ ଆଦିବାସୀ। ପୁଣି ଦୁଇ ରାଜ୍ୟ ମଧ୍ୟରେ ଉତ୍କଟ ସୀମା ବିବାଦ ଲାଗି ରହିଛି। ସୁବର୍ଣ୍ଣରେଖା ନଦୀ ସେହି ଅଞ୍ଚଳରେ ପ୍ରବାହିତ ହୋଇଥିବାରୁ ଉପାନ୍ତ ଅଞ୍ଚଳର ଲୋକେ ପରସ୍ପର ଅନ୍ୟ ରାଜ୍ୟକୁ ଯାତାୟାତ କରନ୍ତି। ଅନ୍ୟ ପକ୍ଷରେ କୁଶଗଡ଼କୁ ଫାଣ୍ଡି ଥିବାରୁ ସେଠାରେ ମଧ ଜଣେ ଏଏସ ଆଇ, ୪ ଜଣ କନଷ୍ଟେବଳ ରହିବା ନିୟମ ଥିବା ବେଳେ ୨ ଜଣ କନଷ୍ଟେବଳ ରହିଛନ୍ତି ଛନ୍ତି। ଫଳରେ ଡକାୟତି, ରାହାଜାନି, ଚୋରି, ଛିନ୍ତାଇ ଇତ୍ୟାଦି ବଢ଼ିଚାଲି ଚାଲିଛି। ଅତି ଶୀଘ୍ର କର୍ମଚାରୀ ପଦ ପୂରଣ କରାଯିବାକୁ ନିର୍ବାଚିତ ନିର୍ବାଚି ପ୍ରତିନିଧି, ପୂର୍ବତନ ପ୍ରତିନିଧି ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ ଦାସ ଓ ସୁକୁମାର ଘୋଷ ଦାବି କରିଛନ୍ତି।

## ବ୍ୟାସକବିଙ୍କ ପ୍ରତି ଅପମାନ ପ୍ରତିବାଦରେ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବାଦ

**ବାଲେଶ୍ୱର, ୩୧।୫(ସମିସ):** ବ୍ୟାସ କବିଙ୍କ ପ୍ରତିଅପମାନମୂଳକ ଭାଷା ପ୍ରୟୋଗ କରିଥିବା ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ବିରୋଧରେ ବାଲେଶ୍ୱର ଜିଲ୍ଲା ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯିବା ସହ ତାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାପତି ଇଂ. ରଞ୍ଜନ ଦାସ ଓ କଂଗ୍ରେସ ଛାତ୍ର ନେତା ଗୌତମ ସାହୁଙ୍କ ନେତୃତ୍ୱ ରେ ଆଜି ସନ୍ଧ୍ୟାରେ ବିଦ୍ୟୁତ ମାର୍ଗ ର ରେଳବାଇ ଓଭର ବ୍ରିଜ ଛକ ଠାରୁ ଏକ ଶୋଭାଯାତ୍ରା ବାହାରି ଷ୍ଟେସନ ଛକ ରେ ଶ୍ରୀ ପଣ୍ଡାଙ୍କ ବିରୋଧରେ ସ୍ଲୋଗାନ ଦେଇ କୁଶ ପୁତ୍ତଳିକା ଦାହ କରିଥିଲେ। ଓଡ଼ିଆ ଭାଷା କୁ ଆଜି ସୁରକ୍ଷା ଦେଇ ବଙ୍ଗୀୟ ଷଡଯନ୍ତ୍ରକାରୀ ଙ୍କ କବଳ ରୁ ରକ୍ଷା କରିଥିବା ବ୍ୟାସ କବି ଓଡ଼ିଆ ଜାତି ଓ ଭାଷା ର ଅସ୍ମିତା ର ପ୍ରତୀକ ବ୍ୟାସ କବି ଫକୀରମୋହନ ସେନାପତିଙ୍କୁ ଅସମ୍ମାନ କରିବା ଦ୍ୱାରା ଶ୍ରୀ ପଣ୍ଡାଙ୍କ ଶିକ୍ଷାଦୀକ୍ଷା ଓ ସଂସ୍କାର କ'ଣ ତାହା ପ୍ରତିପାଦିତ ହୋଇଯାଉଛି। ତେବେ ସବୁଠାରୁ ଦୁଃଖ ଓ ପରିତାପର ବିଷୟ ହେଲା



ବାଲେଶ୍ୱର ସାଂସଦ କି ବିଧାୟକ ମାନେ ଶ୍ରୀ ପଣ୍ଡାଙ୍କ ମୁର୍ଖାମୀ ଉପରେ ପ୍ରତିବାଦ ନ କରି ମୁହଁ ରେ ତୁଣ୍ଡି ବାନ୍ଧି ବସିଛନ୍ତି।ଯାହା ଓଡିଶା ର ଓଡ଼ିଆ ଭାଷା ଭାଷୀ ଲୋକଙ୍କୁ ମର୍ମାହତ କରିଛି। ଏହି କାର୍ଯ୍ୟକ୍ରମରେ ସରୋଜ କୁମାର ଲେଙ୍କା,ଟାଉନ କଂଗ୍ରେସ ସଭାପତି ଅନୁପ କୁମାର ସ୍ୱାଇଁ ଙ୍କ ସମେତ ଜୀବନ ମହାପାତ୍ର, ଜଗନ୍ନାଥ ମହାପାତ୍ର ସୌରଭ ପଟନାୟକ, ଅଶ୍ୱିନୀ କୁମାର ପାତ୍ର, ଜୟଦୀପ ସାହା ସନ୍ତୋଷ ସୋରେନ ସୁଧାକର ରାଉତ ସମେତ ବହୁ ଛାତ୍ର ଏବଂ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ହରପ୍ରିୟାଙ୍କ ଏକାଦଶାହ କର୍ମ ପାଇଁ ଆର୍ଥିକ ସହାୟତା



**ବାଲେଶ୍ୱର, ୩୧।୫(ସମିସ):** ମାଣିଖମ୍ବ ଅଞ୍ଚଳର ହରପ୍ରିୟା ଦେଙ୍କ ଦେହାନ୍ତ ହୋଇଯାଇଛି। ବୟସର ଅପରାହ୍ନରେ ପହଂଚିଥିଲେ ମଧ୍ୟ ସେ ନିଜେ ଏକ ଛୋଟ ପାନ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ତାଙ୍କର ଏକାଦଶାହ ପରିପ୍ରେକ୍ଷୀରେ ଯୁବନେତା ନବଜ୍ୟୋତି ପଟ୍ଟନାୟକଙ୍କ ତରଫରୁ ଆର୍ଥିକ ସହାୟତା ହରପ୍ରିୟା ମାଉସୀଙ୍କ ପରିବାରକୁ ଯୋଗାଇ ଦିଆଯାଇଛି। ଆଜି ତାଙ୍କ ଏକାଦଶାହରେ ପ୍ରଦେଶ ଛାତ୍ର କଂଗ୍ରେସର ପୂର୍ବତନ ଉପସଭାପତି ଗୌତମ ସାହୁଙ୍କ ସମେତ ବାଲେଶ୍ୱର ଛାତ୍ର କଂଗ୍ରେସର କର୍ମୀ ନବପ୍ରସାଦ ଭୂୟାଁ, ଆଲୋକ ମାଝୀ, ସୌରଭ ବେହେରା ଓ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର କଂଗ୍ରେସ ନେତା ଅମ୍ରିତ ସ୍ୱନ୍ଦନ ବେହେରା ଓ ବିଶ୍ୱରଞ୍ଜନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନବଜ୍ୟୋତି ପଟ୍ଟନାୟକଙ୍କ ତରଫରୁ ସହାୟତା ରାଶି ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ହରପ୍ରିୟା ମାଉସୀଙ୍କ ନିକଟରେ ସରକାରୀ ଘର ଖଣ୍ଡେ ମିଳି ନଥିବାରୁ ମୁଣ୍ଡ ଗୁଞ୍ଜିବାକୁ ଯେତେବେଳେ ସେ ଦହଗଞ୍ଜ ହେଉଥିଲେ, ଏ ସଂକ୍ରାନ୍ତରେ ନବଜ୍ୟୋତି ପଟ୍ଟନାୟକ ଖବର ପାଇ ଛାତ୍ର କଂଗ୍ରେସ କର୍ମୀଙ୍କ ଦ୍ୱାରା ହରପ୍ରିୟା ମାଉସୀଙ୍କ ପାଇଁ ଏକ ଆଜବେଷ୍ଟସ ଘର ତିଆରି କରାଇ ଦେଇଥିଲେ।

## ଆଦିବାସୀ ପରିବାର ଉଚ୍ଛେଦ ଘଟଣାକୁ ସିପିଏମ୍‌ର ନିନ୍ଦା

**ବାଲେଶ୍ୱର, ୩୧।୫(ସମିସ):** ଖଇରା ବ୍ଲକ୍ ବାଉଁଶଗଡ଼ିଆ ପଂଚାୟତ ବାଗେଇପୁର ଗାଁରେ ବର୍ଷ ବର୍ଷ ଧରି ସରକାରୀ ଜମିରେ ବାସ କରୁଥିବା ଆଦିବାସୀ ପରିବାରକୁ ସ୍ଥାନୀୟ ୱାର୍ଡ ମେମ୍ବର ଏବଂ ସମିତି ସଭ୍ୟ ଭିଟା ମାଟିରୁ ଉଚ୍ଛେଦ କରିଥିବା ଅଭିଯୋଗ ହୋଇଛି। ଦୁଇ ଦିନ ତଳେ ଘଟିଥିବା ଏହି ଘଟଣାରେ ପରିବାର ଲୋକେ ପ୍ରଚଣ୍ଡ ଖରାରେ ନିଜ ଘରକରଣା ଜିନିଷ ମୁଣ୍ଡରେ ବୋହି ଦୀର୍ଘ ପଥ ଚାଲି ଚାଲି ତହସିଲଦାରଙ୍କୁ ଭେଟିବାକୁ ଯାଇଥିଲେ। ପଟ୍ଟା ପାଇବା ଆଶାରେ ସେମାନେ ତହସିଲ ଅଫିସ୍ ଯାଇଥିବା ଜଣାପଡିଛି। ଏହି ଘଟଣାକୁ ସିପିଆଇଏମ୍ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଜିଲ୍ଲା ସମ୍ପାଦକ ଶିଶିର ହୁଇ ଏହାକୁ "ଅମାନୁଷିକ ଓ ଅମାନବିକ କାର୍ଯ୍ୟ" ବୋଲି କହି ବ୍ଲକ ପ୍ରଶାସନ ତୁରନ୍ତ ସମ୍ପୃକ୍ତ ଆଦିବାସୀ ପରିବାରର ଥଇଥାନ କରିବା ସହ ଘରଡିହ ଓ ଜମି ପଟ୍ଟା ଯୋଗାଇ ଦେବାକୁ ଦାବି କରିଛନ୍ତି। ଉଚ୍ଛେଦ କରିଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସେ ଦାବି କରିଛନ୍ତି। ଶ୍ରୀ ହୁଇ ଚେତାବନୀ ଦେଇଛନ୍ତି ଯେ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ।

## ମନ୍ଦିରରୁ କବାଟ ଭାଙ୍ଗି ସୁନା ଓ ରୁପା ଅଳଙ୍କାର ଚୋରି

**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୩୧।୫ (ସମିସ) :** ଜଳେଶ୍ୱର ଥାନା ଅନ୍ତର୍ଗତ ଗୋବରଘୋଟା ଗ୍ରାମ ପଞ୍ଚାୟତର ମାଧବପୁର ଗ୍ରାମରେ ଅବସ୍ଥିତ ଥିବା ଗ୍ରାମ ଦେବତା ବେଣୀମାଧବ ମନ୍ଦିରରୁ ଶନିବାର ରାତିରେ କବାଟଭାଙ୍ଗି ଠାକୁରଙ୍କ ଦେଢ଼ କେଜି ଓଜନର ରୁପା ମୁକୁଟ ସାଙ୍ଗକୁ ୯ଟି ସୁନାର ପାଦୁକା ଓ ୧୨ ଗୋଟି ରୁପା ପାଦୁକା ଚୋରମାନେ ଚୋରି କରିନେଇଛନ୍ତି ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଜଳେଶ୍ୱର ଥାନାରେ ଗ୍ରାମ ବାସୀ ମାନେ ଲିଖିତ ଭାବେ ଜଣାଇଛନ୍ତି। ଖବର ପାଇଁ ଜଳେଶ୍ୱର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ସରସ୍ୱତୀଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ସିପିଏମ୍‌ର ଦାବି

**ଜଳେଶ୍ୱର ବ୍ଲକ, ୩୧।୫ (ସମିସ)**

ଜଳେଶ୍ୱର ମ୍ୟୁନିସିପାଲଟି ଅନ୍ତର୍ଗତ ପଞ୍ଚୁଘଣ୍ଟା ଗ୍ରାମ ୮ ନମ୍ବର ୱାର୍ଡରେ ଏକ ଅଭାବନୀୟ ଘଟଣା ଲୋକଲୋଚନକୁ ଆସିଛି। ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଆଦିବାସୀ ଦମ୍ପତି ତାଙ୍କ ପିଲାକୁ ବିକ୍ରି କରିଥିବା କଥା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଖବର ଶୁଣିବା ପରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ର ଏକ ପ୍ରତିନିଧି ଦଳ ପିଲା ବିକ୍ରି କରିଥିବା ଶଙ୍କର ସିଂ ଓ ତାଙ୍କ ପତ୍ନୀ ସରସ୍ୱତୀ ସିଂଙ୍କ ଘରକୁ ଯାଇ ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଘଟଣାଟି ଥିଲା ଅତ୍ୟନ୍ତ ବେଦନାଦାୟକ। ଅସ୍ଥାୟୀ ଛପର ତଳେ ବାସ କରୁଥିବା ଏହି ଦମ୍ପତି ତାଙ୍କର ୯ ମାସର ଶିଶୁ କନ୍ୟାକୁ ଭଦ୍ରକର କୌଣସି ଏକ ଜନୈକ ବ୍ୟକ୍ତିଙ୍କୁ କିଛି ଟଙ୍କାରେ ବିକ୍ରି କରିଛନ୍ତି। ଏହାର କାରଣ ପଚାରିବାରୁ



ସରସ୍ୱତୀ ସିଂ କାନ୍ଦ କାନ୍ଦ ହୋଇ କହିଥିଲେ, ଘରେ ଖାଇବାକୁ ନାହିଁ। ଓଳିଏ ଖାଇଲେ ଦୁଇ ଓଳି ଓପାସ। ସବୁ ଦିନ କାମ ଧନ୍ଦା ମିଳେ ନାହିଁ। ଏଭଳି ଅବସ୍ଥାରେ ପିଲାଟିକୁ ପାଳିବୁ କେମିତି? ଖାଇବାକୁ ଦେବୁ କଣ? କିଛି ନହେଲେ ପିଲାଟି ତ ବଞ୍ଚି ଯିବ। ଏଭଳି ଦୟନୀୟ ଚିତ୍ର ଗୋଟିଏ ମ୍ୟୁନିସିପାଲଟି ଭିତରେ ଯଦି ଘଟି ପାରେ ତେବେ ବିକାଶର ଡିଣ୍ଡିମ ପିଟୁଥିବା ସରକାରଙ୍କୁ ଲାଜ ଲାଗୁନାହିଁ କେମିତି ବୋଲି ସିପିଏମ ତରଫରୁ ପ୍ରଶ୍ନ କରାଯାଇଛି। ସରସ୍ୱତୀ ସିଂଙ୍କୁ ଆଜି ଯାଏଁ ଖଣ୍ଡିଏ ରେସନ କାର୍ଡ ମିଳିନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏହି ଦମ୍ପତିଙ୍କୁ ଘର ଖଣ୍ଡିଏ ଦିଆଯାଇ ନାହିଁ। ଶିଶୁ କଲ୍ୟାଣ ଯୋଜନା ଏମାନଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ। ପ୍ରଶାସନ ଶୋଇଛି କୁମ୍ଭକର୍ଣ୍ଣ ନିଦ୍ରାରେ। ଘଟଣା ସ୍ଥଳକୁ ଯାଇ ସମସ୍ତ କଥା ଅବଗତ ହେବା ପରେ ସି ପି ଏମ୍ ପକ୍ଷରୁ ଦାବି କରାଯାଇଛି ତୁରନ୍ତ ଶିଶୁ କନ୍ୟାକୁ ଫେରାଇ ଆଣିବା ସହିତ ଦୁଇ ଶିଶୁ କନ୍ୟାର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାର ନିଅନ୍ତୁ। ତୁରନ୍ତ ରେସନ କାର୍ଡ ଯୋଗାଇ ସେମାନଙ୍କୁ ଖାଦ୍ୟ ନିରାପତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହିତ ଏକ ମାସ ଭିତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାମ ପଞ୍ଜୀକରଣ କରାଯାଇ ସ୍ଥାୟୀ ପକ୍କା ଘର ଯୋଗାଇ ଦିଆଯାଉ ବୋଲି ପ୍ରତିନିଧି ଦଳରେ ଯାଇଥିବା ଜଳେଶ୍ୱର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ଜିଲ୍ଲା ନେତା ଦିଲ୍ଲୀପ କୁମାର ଗିରି, ପଲ୍ଟୁ ଦାସ, ରବିନ୍ଦ୍ର କୁମାର ବାରିକ ଓ ସେହି ଗ୍ରାମର ପାର୍ଟି ନେତା ଲକ୍ଷ୍ମୀଧର ପଲାଇ ଦୃଢ଼ ଦାବୀ କରିଛନ୍ତି।



